### ଇ-ବସ୍ ସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# କେନ୍ଦୁଝର ଜିଲ୍ଲାକୁ ୧୩୩୦ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଭେଟି





- ୧୦୧ଟି ନୂତନ ପ୍ରକଳ୍ପ ପାଇଁ ପ୍ରାୟ ୩୭୫ କୋଟି ଟଙ୍କାର ପ୍ୟାକେଜ୍
- ୬୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର, ୨୪ଟି ପ୍ରକଳ୍ପ ଲୋକାର୍ପିତ
- ଖୁବଶୀଘ୍ର କେନ୍ଦୁଝର ମାଟିରେ ହେବ ମେଗା ଷ୍ଟିଲ ପ୍ଲାଣ୍ଟ

କେନ୍ଦୁଝର, ୨୯।୪(ସମିସ): କେନ୍ଦୁଝର ଜିଲ୍ଲାର ସାମଗ୍ରିକ ବିକାଶ ଓ ଗମନାଗମନ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝରଠାରେ ଏକାଧିକ ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆୟୋଜିତ ବିକାଶ ସମାବେଶରେ ଜିଲ୍ଲାର ସାମଗ୍ରିକ ପ୍ରଗତି ପାଇଁ ମୁଖ୍ୟମନ୍ତ୍ରୀ ୧,୩୩୦ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମୋଟ ୧୮୭ଟି ପ୍ରକଳ୍ପର ଲୋକାର୍ପଣ, ଭିତ୍ତିପ୍ରସ୍ତର ସ୍ଥାପନ ସହ ନୂତନ ଘୋଷଣା କରାଯାଇଛି। ଜିଲ୍ଲାବାସୀଙ୍କୁ ସ୍ମାର୍ଟ ପବ୍ଲିକ ଟ୍ରାନ୍ସପୋର୍ଟ ସେବା ଯୋଗାଇଦେବା ପାଇଁ ୨୫ଟି ଅତ୍ୟାଧୁନିକ ଇ-ବସ ସହିତ ୧୭ କୋଟି ଟଙ୍କା ବ୍ୟୟରେ ନିର୍ମିତ 'ଆମ ବସ' ଡିପୋର ଲୋକାର୍ପଣ କରାଯାଇଛି।
ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ପ୍ରାୟ ୭୦୫ କୋଟି ଟଙ୍କାର ୬୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ପ୍ରାୟ ୨୫୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨୪ଟି ପ୍ରକଳ୍ପକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ଏହାବ୍ୟତୀତ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଆଉ ୧୦୧ଟି ନୂତନ ପ୍ରକଳ୍ପ ପାଇଁ ପ୍ରାୟ ୩୭୫ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି, ଯାହା କେନ୍ଦୁଝରର ବିକାଶ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବ।
ଏହି ନୂତନ ଇ-ବସ ସେବାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର ସୁଲଭ ଭଡ଼ା। ମାତ୍ର ୫ ଟଙ୍କାରୁ ବସ ଭଡ଼ା ଆରମ୍ଭ ହେଉଥିବାରୁ ଏହା ଦୈନନ୍ଦିନ ଯାତ୍ରା କରୁଥିବା ନିମ୍ନ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ବେଶ୍ ସହାୟକ ହେବ। ସମସ୍ତ ବସ ସମ୍ପୂର୍ଣ୍ଣ ଭାବେ ବାତାନୁକୂଳ ହୋଇଥିବା ବେଳେ ଯାତ୍ରୀଙ୍କ ସୁରକ୍ଷାକୁ ଏଥିରେ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଛି। ପ୍ରତିଟି ବସ୍‌ରେ ସିସିଟିଭି କ୍ୟାମେରା, ପ୍ୟାନିକ୍ ବଟନ ଏବଂ ଜିପିଏସ ବ୍ୟବସ୍ଥା ରହିଛି, ଯାହାଦ୍ୱାରା ଯାତ୍ରୀମାନେ ବିଶେଷ କରି ମହିଳାମାନେ ନିର୍ଭୟରେ ଯାତ୍ରା କରିପାରିବେ। ମହିଳା ସଶକ୍ତୀକରଣ କ୍ଷେତ୍ରରେ ମଧ୍ୟ ଏହି ପ୍ରକଳ୍ପ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଏହି ଯୋଜନା ମାଧ୍ୟମରେ ପ୍ରାୟ ୧୫୦ ଜଣ ନିଯୁକ୍ତି ପାଇଥିବା ବେଳେ ସେମାନଙ୍କ ମଧ୍ୟରେ ୩୦ ଜଣ ମହିଳା ଗାଇଡ୍ ଏବଂ ୨ ଜଣ ମହିଳା ଡ୍ରାଇଭର ସାମିଲ ଅଛନ୍ତି। ଏହି ଇ-ବସ୍ ସେବା ବାର୍ଷିକ ପ୍ରାୟ ୩୩୦ରୁ ୩୯୦ ଟନ୍ କାର୍ବନ ନିର୍ଗମନ ହ୍ରାସ କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଗାମୀ ଦିନରେ ଏହି ସେବାକୁ ରାଜ୍ୟର ଅନ୍ୟ ସହରଗୁଡ଼ିକୁ ସମ୍ପ୍ରସାରିତ କରାଯିବ ଏବଂ ଉତ୍ତମ ରକ୍ଷଣାବେକ୍ଷଣ ପାଇଁ ପ୍ରାୟ ୨୩୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ପଦକ୍ଷେପ ଓଡ଼ିଶାକୁ "ଗ୍ରୀନ୍ ମୋବିଲିଟି' କ୍ଷେତ୍ରରେ ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା କରିବ ବୋଲି ସେ କହିଛନ୍ତି।
କେନ୍ଦୁଝରବାସୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦୁଝର ଜିଲ୍ଲା ରାଜ୍ୟକୁ ଅନେକ କିଛି ଦେଇଛି, କିନ୍ତୁ ବିଗତ ଦିନରେ ଏହି ଜିଲ୍ଲା ଅବହେଳିତ ହୋଇରହିଥିଲା। ସେ ସ୍ପଷ୍ଟ କରିଛନ୍ତି ଯେ ଜିଲ୍ଲାରେ ଏକ ମେଗାଷ୍ଟିଲ ପ୍ଲାଣ୍ଟ ସ୍ଥାପନ ପାଇଁ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏହାର ଶିଳାନ୍ୟାସ କରାଯାଇ କେନ୍ଦୁଝରକୁ ଦେଶର ଏକ ଶ୍ରେଷ୍ଠ ଶିଳ୍ପ ସମୃଦ୍ଧ ଜିଲ୍ଲା ଭାବେ ଗଢି ତୋଳାଯିବ। ଏହି ବିଶାଳ ପଦକ୍ଷେପ ଜିଲ୍ଲାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ସାଧାରଣ ଜନତାଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲାର ୬ ଜଣ ହିତାଧିକାରୀଙ୍କୁ ମୋଟ ୫,୭୫,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଏଥିରେ କେନ୍ଦୁଝରର ହେମନ୍ତ ମହାନ୍ତଙ୍କୁ ବିବାହ ସହାୟତା ବାବଦରେ ୫୦,୦୦୦ ଟଙ୍କା ଏବଂ ଲବଙ୍ଗ ମହାନ୍ତଙ୍କୁ ମୃତ୍ୟୁକାଳୀନ ସହାୟତା ଭାବେ ୩,୦୫,୦୦୦ ଟଙ୍କା ହସ୍ତାନ୍ତର କରାଯାଇଛି। ସେହିପରି 'ଉଦ୍ୟମୀ' ଯୋଜନାରେ ଚମ୍ପୁଆର ମା'ମଙ୍ଗଳା ଏସଏଚଜି, ଯୋଡ଼ାର ବନିତା ନାଏକ ଏବଂ ଝୁମ୍ପୁରାର କେଦାରଚନ୍ଦ୍ର ନାଏକଙ୍କୁ ୬୦,୦୦୦ ଟଙ୍କା ଲେଖାଏଁ ଏବଂ ନିଲମ ମହାକୁଡ଼ଙ୍କୁ ୪୦,୦୦୦ ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯାଇଛି। ସମାରୋହରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଡକ୍ଟର ଫକୀର ମୋହନ ନାଏକ, ସାଂସଦ ଅନନ୍ତ ନାଏକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାଏକ ଏବଂ ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କ ଛାତିରେ ଗଳିଗଲା ପନିକି



ଆନନ୍ଦପୁର, ୨୯।୪(ସମିସ): ଆନ୍ଦପୁର ମାଛ ମାର୍କେଟ୍‌ଠାରେ ଅଘଟଣ ଘଟିଛି। ଦୁଇ ଯୁବକଙ୍କ ମଧ୍ୟରେ ବଚସାରୁ ଠେଲାପେଲା ହୋଇଥିଲା। ଜଣେ ଯୁବକ ଅନ୍ୟ ଜଣେ ଯୁବକଙ୍କୁ ଠେଲି ଦେବାରୁ ମାଛ କଟା ପନିକି ଉପରେ ପଡ଼ି ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ କାଳନ୍ଦୀ ବେହେରାଙ୍କୁ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଆଜି ଆନନ୍ଦପୁର ମାଛ ମାର୍କେଟଠାରେ କାଳନ୍ଦୀଙ୍କ ସହ ଚକରା ନାମକ ଜଣେ ଯୁବକର କୌଣସି କାରଣକୁ କେନ୍ଦ୍ରକରି ବଚସା ହୋଇଥିଲା। ପରେ ଉଭୟେ ଠେଲାପେଲା ଲାଗିବାରୁ ନିକଟରେ ମାଛ କାଟୁଥିବା ଜଣେ ମାଛ ବ୍ୟବସାୟୀଙ୍କ ପନିକି ଉପରେ ପଡ଼ି ଯାଇଥଲେ କାଳନ୍ଦୀ। ଘଟଣା ପରେ ଆନନ୍ଦପୁର ପୁଲିସ ପହଞ୍ଚି ପନିକି ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

## ସାଇଁକୁଳରେ ଜଳଛତ୍ର ଉଦ୍‌ଘାଟିତ




ଆନନ୍ଦପୁର, ୨୯।୪ (ସମିସ): ଘସିପୁରା ବ୍ଲକ ସାଇଁକୁଳ ମାର୍କେଟର ମା' ଦୁର୍ଗା ଅଟୋ ଷ୍ଟାଣ୍ଡଠାରେ ଜଳଛତ୍ର କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଅଟୋ ସଂଘର ସଭାପତି ବିପିନ ବିହାରୀ ଦେହୁରୀ ଓ ତାଙ୍କ ସହଯୋଗୀମାନେ ଏକାଠି ହୋଇ ଜଳଛତ୍ର କରିବା ପାଇଁ ଧାର୍ଯ୍ୟ କରିଥିଲେ। ସାଇଁକୁଳ ଗ୍ରାମର ମୁରବୀ ତଥା ଆଦର୍ଶ ପୁରୁଷ ଅନନ୍ତ ଚରଣ ସ୍ୱାଇଁ ମୁଖ୍ୟଅତିଥି, ଅବସରପ୍ରାପ୍ତ ସେନା ଅଧିକାରୀ ତଥା ଯୁବ ସମାଜସେବୀ ସନ୍ତୋଷ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଇଁକୁଳ ବସ୍ ଷ୍ଟପରେ ଓହ୍ଲାଉଥିବା ସମସ୍ତ ଯାତ୍ରୀଙ୍କୁ ଥଣ୍ଡା ଜଳ ବଣ୍ଟନ କରାଯାଇଥିଲା। ଭାନୁପ୍ରତାପ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ମା' ଦୁର୍ଗା ଅଟୋ ସଂଘ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## ବୀରଗୋବିନ୍ଦପୁରରେ ବିଜେପି କର୍ମୀ ସମାବେଶ



ଆନନ୍ଦପୁର,୨୯।୪(ସମିସ): ଘଷିପୁରା ନିର୍ବାଚନମଣ୍ଡଳୀ ଦେଓଗାଁ ମଣ୍ଡଳର ବୀରଗୋବିନ୍ଦପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବିଜେପିର ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଦେଓଗାଁ ମଣ୍ଡଳ ସଭାପତି ବାଇଧର ଚିନ୍ଦ୍ରାଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ଘଷିପୁରା ବିଜେପି ବିଧାୟକ ପ୍ରାର୍ଥୀ ଡ ଶମ୍ଭୁନାଥ ରାଉତ, ସାଂସଦ ପ୍ରତିନିଧି ଶୁଭେନ୍ଦୁ ଚକ୍ର, ରାମଚନ୍ଦ୍ରପୁର ମଣ୍ଡଳ ସଭାପତି ଅଖିଳ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଯୁବନେତା ତଥା ସମାଜସେବୀ ଟିକିନା ପାତ୍ର ଓ ସୁଶାନ୍ତ ପାତ୍ରଙ୍କ ନେତୃତ୍ୱରେ କୋଳିମାଟି ଓ ଧକୋଠା ପଞ୍ଚାୟତର ବହୁ ସଂଖ୍ୟାରେ କର୍ମୀ ସାମିଲ ହୋଇଥିଲେ।

## ପ୍ରଶାସନର ଅବହେଳା; ବୃଦ୍ଧାଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା



ହାଟଡ଼ିହୀ,୨୯।୪(ସମିସ): କେନ୍ଦୁଝର ଜିଲ୍ଲା ଶାସଙ୍ଗ ପଞ୍ଚାୟତ ଚୋରଗଡ଼ିଆ ଗ୍ରାମର ୮୬ ବର୍ଷୀୟା ବୃଦ୍ଧା ପଦ୍ମାବତୀ ନାୟକ ଯୋଗ୍ୟ ହେବା ସତ୍ତ୍ୱେ ମଧ୍ୟ ବାର୍ଦ୍ଧକ୍ୟ ବର୍ଦ୍ଧିତ ପେନସନରୁ ବଞ୍ଚିତ ହେଉଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଆଧାର କାର୍ଡ ଓ ଭୋଟର କାର୍ଡ ଅନୁଯାୟୀ ସେ ମାସିକ ୩୦୦୦ ଟଙ୍କା ଭତ୍ତା ପାଇବାକୁ ପୁରାପୁରି ଯୋଗ୍ୟ ଅଛନ୍ତି। ଘରେ ସହାୟତା କରିବାକୁ କେହି ପୁରୁଷ ସଦସ୍ୟ ନଥିବା ଓ ପରିବାରର ଅନ୍ୟ ସଦସ୍ୟମାନେ ଜୀବିକା ପାଇଁ ବାହାରେ ରହୁଥିବାରୁ ପଦ୍ମାବତୀଙ୍କ ପାଇଁ ବ୍ଲକ କିମ୍ବା ସବ୍‌କଲେକ୍ଟରଙ୍କ କାର୍ଯ୍ୟାଳୟକୁ ଯାଇ ନିଜ ଅଧିକାର ଦାବି କରିବା ଅତ୍ୟନ୍ତ କଷ୍ଟସାଧ ହୋଇପଡ଼ିଛି। ସେ ଗାଁର ଅନେକ ଲୋକଙ୍କ ମାଧ୍ୟମରେ କାଗଜପତ୍ର ଦେଇ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଶାରୀରିକ ଅସୁସ୍ଥତାରେ ଭୋଗୁଥିବା ପଦ୍ମାବତୀଙ୍କ ପ୍ରତିମାସ ୪–୫ ହଜାର ଟଙ୍କା ପର୍ଯ୍ୟନ୍ତ ଔଷଧ ଖର୍ଚ୍ଚ ହେଉଥିବା ବେଳେ, ବର୍ଦ୍ଧିତ ଭତ୍ତା ନମିଳିବା ତାଙ୍କ ପାଇଁ ଗଭୀର ସମସ୍ୟା ସୃଷ୍ଟି କରିଛି। ଏହା ସରକାରୀ ବ୍ୟବସ୍ଥାର କାର୍ଯ୍ୟକ୍ଷମତା ଓ ଦାୟିତ୍ୱବୋଧ ଉପରେ ପ୍ରଶ୍ନ ଉଠାଇଛି। ଅନ୍ୟପଟେ, ଯୁବ ସମାଜସେବୀ ରାଜୀବ ନାୟକ ଏହି ଘଟଣା ସମ୍ପର୍କରେ ସବ୍‌କଲେକ୍ଟରଙ୍କ କାର୍ଯ୍ୟାଳୟକୁ ଇମେଲ୍ ଯୋଗେ ଅଭିଯୋଗ କରିଥିବା ସହିତ ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଘଟଣା ପ୍ରକାଶ ପାଇବା ପରେ ଆନନ୍ଦପୁର ସବ୍‌କଲେକ୍ଟର ନୀଳମାଧବ ସୁନା କହିଛନ୍ତି, ଘଟଣାକୁ ଗୁରୁତର ସହିତ ନେଇ ଶୀଘ୍ର ତଦନ୍ତ କରାଯିବ। ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ, ଯାହାଦ୍ୱାରା ସେ ବର୍ଦ୍ଧିତ ଭତ୍ତା ପାଇପାରିବେ। ସ୍ଥାନୀୟ ବୁଦ୍ଧିଜୀବୀ ପଦ୍ମାବତୀ ନାୟକଙ୍କୁ ତାଙ୍କର ନ୍ୟାୟ ସଂଗତ ଭତ୍ତା ଶୀଘ୍ର ମିଳିବ ବୋଲି ଆଶା ପ୍ରକଟ କରିଛନ୍ତି।

## ବାତୋ ଶିଶୁ ମନ୍ଦିରରେ ସମ୍ବର୍ଦ୍ଧନା ଉତ୍ସବ



ଆନନ୍ଦପୁର, ୨୯।୪(ସମିସ): ଘଷିପୁରା ବ୍ଲକ ବାତୋସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଅଲେଖଚନ୍ଦ୍ର ବେହେରାଙ୍କ ସଂଯୋଜନାକ୍ରମେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧ୍ୟାପକ ଡକ୍ଟର ଚିତ୍ତରଞ୍ଜନ ନାୟକ, ସମାଜସେବୀ ଅନନ୍ତ ଚରଣ ବଳ ପ୍ରାଦେଶିକ ମେଧା ପରୀକ୍ଷାରେ ରାଜ୍ୟ ସ୍ତରରେ ସପ୍ତମ ସ୍ଥାନ ଅଧିକାର କରିଥିବା ତୃତୀୟ ଶ୍ରେଣୀର ଛାତ୍ର ତଥା ଶିକ୍ଷକ ପ୍ରମୋଦ କୁମାର ସାହୁ ଓ ଲିପିନା ପାତ୍ରଙ୍କ ସୁପୁତ୍ର ଚତୁର୍ଭୁଜ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଚତୁର୍ଭୁଜ କେବଳ ବାତୋ ଶିଶୁ ମନ୍ଦିରର ପାଇଁ ଗୌରବ ନୁହେଁ ବରଂ ସମଗ୍ର ଆନନ୍ଦପୁର ଉପଖଣ୍ଡ ପାଇଁ ଏକ ପ୍ରେରଣା ବୋଲି ପ୍ରଧାନ ଆଚାର୍ଯ୍ୟ ଶ୍ରୀ ବେହେରା ମତ ବ୍ୟକ୍ତ କରିଥିଲେ। ଅନୁଷ୍ଠାନର ଗୁରୁଜୀ ଗୁରୁମା କୃତୀ ଛାତ୍ରର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଜୀବନ ଲକ୍ଷ୍ୟ ପ୍ରାପ୍ତି ନିମନ୍ତେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ।

## ଆଦିବାସୀ ମହାସଂଘ ପକ୍ଷରୁ ୨୦ ଦଫା ଦାବିପତ୍ର

କେନ୍ଦୁଝର, ୨୯।୪(ସମିସ): ଆଦିବାସୀ ମହାସଂଘ ଓଡ଼ିଶାର କେନ୍ଦୁଝର ଜିଲ୍ଲା କମିଟି ତରଫରୁ ଓଡ଼ିଶାର ଆଦିବାସୀଙ୍କର ବିଭିନ୍ନ ସମସ୍ୟା ସମ୍ବଳିତ ୨୦ ଦଫା ଦାବିର ଏକ ସ୍ମାରକପତ୍ର କେନ୍ଦୁଝର ଜିଲ୍ଲାପାଳଙ୍କ ମାଧ୍ୟମରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହା, କେନ୍ଦ୍ରୀୟ ଆଦିବାସୀ ବିଭାଗ ମନ୍ତ୍ରୀ, ଭାରତର ଆଦିବାସୀ ଆୟୋଗ, ଭାରତର ମାନବାଧିକାର କମିସନ ଅଧ୍ୟକ୍ଷ, ଭାରତର ଗ୍ରୀନ ଟ୍ରିବୁନାଲ ଅଧ୍ୟକ୍ଷ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ପ୍ରଦାନ କରାଯାଇଛି। ଏହି ପ୍ରତିନିଧି ମଣ୍ଡଳରେ ଆଦିବାସୀ ମହାସଂଘ ଓଡ଼ିଶାର ଉପସଭାପତି ରାମରାଇ ମୁନ୍ଦୁୟା, କୁନ୍ଦୁଝର ଜିଲ୍ଲା ସଭାପତି ଚନ୍ଦ୍ରମୋହନ ନାୟକ, ଜିଲ୍ଲା ସମ୍ପାଦକ ଜୀବନ ସିଂ ମୁଣ୍ଡା, ସମାଜସେବୀ ତଥା ପୂର୍ବତନ ଲୋକସଭା ପ୍ରାର୍ଥୀ ଏବଂ କେନ୍ଦୁଝର ଜିଲ୍ଲା କଂଗ୍ରେସ ଉପସଭାପତି ବିନୋଦ ବିହାରୀ ନାଏକ, ହରିଚନ୍ଦନପୁର ବ୍ଲକ ସଭାପତି ମଙ୍ଗୁଲୁ ମୁଣ୍ଡା, ସମ୍ପାଦକ ଅଭିମନ୍ୟୁ ଯୁଆଙ୍ଗ, ଚମ୍ପୁଆ ବ୍ଲକ କମିଟି ସଭାପତି ସୋମନାଥ ସିଙ୍କୁ, ସମ୍ପାଦକ ସୁବାସ ନାୟକ, ସଦର ବ୍ଲକ ସଭାପତି ରଥ ମୁଣ୍ଡା, ସମ୍ପାଦକ କୁଳମଣି ସିଂ, ଘଟଗାଁ ବ୍ଲକ ସଭସପାତି ଗଣେଶ୍ୱର ନାୟକ, ସମ୍ପାଦକ ପ୍ରତାପଚନ୍ଦ୍ର ଦଣ୍ଡପାଟ, ଝୁମ୍ପୁରା ବ୍ଲକ କାର୍ଯ୍ୟକାରୀ ସଭାପତି ଶିବ ପୂର୍ତ୍ତୀ, ହୃଷୀକେଶ ଆଲଡା ଏବଂ ରାବନ ଚାତାର ଜିଲ୍ଲାପାଳଙ୍କ



ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଓଡ଼ିଶା ୫ମ ଅନୁସୂଚିତ ଅନ୍ତର୍ଗତ ଥିବାରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ୧୯୯୬ ମସିହାରୁ ପେସା କାନୁନ ତିଆରି ହେବାର ଦୀର୍ଘ ୩୦ ବର୍ଷ ବିତିଯାଇଥିଲେ ମଧ୍ୟ ଲାଗୁ ହୋଇ ନ ଥିବାରୁ ତୁରନ୍ତ ଲାଗୁ କରିବା, ଆସନ୍ତା ଜନଗଣନାରେ ଆଦିବାସୀଙ୍କ ପାଇଁ ସ୍ୱତନ୍ତ୍ର ପୃଥକ କୋଡ଼ ରଖିବା, କେନ୍ଦୁଝର ତଥା ଓଡ଼ିଶାର ଖଣି ଖାଦାନ ବେନିୟମ ଭାବେ ପ୍ରାଇଭେଟ କମ୍ପାନୀଙ୍କୁ ନ ଦେବା ଆଦି ଦାବି ଉକ୍ତ ସ୍ମାରକପତ୍ରରେ ରହିଛି।

### ● ଜଳୁଛି ଇଟା ଭାଟି; ବଢୁଛି ତାତି

## ଧନଜୀବନ ଅସ୍ତବ୍ୟସ୍ତ: ଆନନ୍ଦପୁର ତହସିଲ ନିରବ

ଆନନ୍ଦପୁର,୨୯।୪ (ସମିସ): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ତହସିଲ ଅନ୍ତର୍ଗତ କଣ୍ଟିପାଳ ପଞ୍ଚାୟତରେ ବଢୁଛି ବେଆଇନ ଇଟା ଭାଟିର ବ୍ୟବସାୟ। ଦିନକୁ ଦିନ ନିୟମକାନୁନକୁ ତୁଚ୍ଛ କରି ବଳଦୂଆଁ, ବାରୁଆଁ, ବିରିଡ଼ିଆ କଣ୍ଟିପାଳ ସହ ବିଭିନ୍ନ ଅଞ୍ଚଳରେ ଗଢ଼ିଉଠୁଛି ଏକାଧିକ ଇଟା ଭାଟି। ଏହି ଭାଟିଗୁଡ଼ିକରୁ ବାହାରୁଥିବା ଧୂଆଁ ଓ ଉତ୍ତାପ ଫଳରେ ପରିବେଶ ହୋଇପଡ଼ିଛି ଉତ୍ତପ୍ତ। ଯାହାର ପ୍ରଭାବ ସିଧାସଳଖ ଭାବରେ ପଡ଼ୁଛି ସାଧାରଣ ଲୋକଙ୍କ ଜନଜୀବନରେ। ଚାଷବାସ ପଶୁପାଳନ ଓ ଦୈନିକ ଜୀବନଯାତ୍ରା ହୋଇଯାଇଛି ଅସହ୍ୟ। ଗ୍ରାମବାସୀ ଦିନରାତି ଉତ୍ତାପ ଓ ଧୂଆଁରେ ଜୀବନ କାଟିବାକୁ ବାଧ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ,



ଏସବୁ ବେଆଇନ କାରବାର ପଛରେ ରହିଛି ବଡ଼ ଚକ୍ର। କିଛି ଇଟା ଭାଟି ମାଲିକ ତହସିଲ କାର୍ଯ୍ୟାଳୟର କର୍ମଚାରୀଙ୍କୁ ମାସିକ ଦେଇ ନିର୍ବିଘ୍ନରେ ଚାଲାଉଛନ୍ତି ଏହି ବ୍ୟବସାୟ। ଅଧିକାରୀମାନେ ସବୁ କିଛି ଜାଣିଥିଲେ ମଧ୍ୟ ନିରବ ହୋଇ ରହିଥିବା ନେଇ ମଧ୍ୟ ଉଠିଛି ପ୍ରଶ୍ନ। ଏପଟେ ଇଟା ଭାଟି ମାଲିକମାନେ ଅର୍ଥଲାଭରେ ମାଲେମାଲ ହେଉଥିବା ବେଳେ ସାଧାରଣ ଗ୍ରାମବାସୀ ଗରମ ଓ ଉତ୍ତାପରେ ଛଟପଟ ହେଉଛନ୍ତି। ଏନେଇ ଅଞ୍ଚଳବାସୀ ଜୋରଦାର ପ୍ରତିବାଦ କରିଥିବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏଥିସହିତ ବେଆଇନ ଇଟା ଭାଟି ମାଫିଆଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବନ୍ଦ କରିବାକୁ ପ୍ରଶାସନ ନିକଟରେ ଦାବି କରାଯାଇଛି। ପ୍ରଶ୍ନ ଉଠୁଛି କେବେ ନିଦରୁ ଉଠିବ ପ୍ରଶାସନ? କେବେ ବନ୍ଦ ହେବ ଏହି ବେଆଇନ ଇଟା ଭାଟି? କେବେ ମିଳିବ ସାଧାରଣ ଲୋକଙ୍କୁ ସରଳ ଜୀବନଯାପନ କରିବାର ସୁଯୋଗ? ଆନନ୍ଦପୁର ତହସିଲ ପ୍ରଶାସନ ଏହି ସମସ୍ୟା ଉପରେ ଦୃଷ୍ଟି ଦେବାକୁ ଦାବି ହୋଇଛି।

### ହାଟଡ଼ିହୀ ପଞ୍ଚାୟତସମିତିର ୧୦ମ ଅଧିବେଶନ

# ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଗୁରୁତ୍ୱ

ହାଟଡ଼ିହୀ,୨୯।୪(ସମିସ):




ହାଟଡ଼ିହୀ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ହାଟଡ଼ିହୀ ପଞ୍ଚାୟତ ସମିତିର ୧୦ମ ଅଧିବେଶନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, କୃଷି, ଜଳସେଚନ, ଯୋଗାଣ, ମହିଳା ଓ ଶିଶୁ କଲ୍ୟାଣ, ଗ୍ରାମ୍ୟ ଉନ୍ନୟନ ଆଦି ବିଭାଗର କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଦୀର୍ଘ ୯ ମାସ ପରେ ଏହି ବୈଠକ ହେଉଥିବାରୁ ଅଧିକାଂଶ ସରପଞ୍ଚ ଓ ସମିତିସଭ୍ୟ ଭାଗ ନେଇଥିଲେ। ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକକୁ ପିଇଓ ଶରତ କୁମାର ବେଜ ସଂଯୋଜନା କରିଥିଲେ। ବିଡିଓ ରଞ୍ଜନ କୁମାର ପରିଡ଼ା, ଏବିଡ଼ିଓ ରଶ୍ମିରେଖା ନାଇକ, ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଜିଲ୍ଲାପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ, କୌଶଲ୍ୟା ସେଠୀ, ସୁକାନ୍ତି ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଦିବଂଗତ ସମିତିସଭ୍ୟ ପ୍ରକାଶ କୁଅଁର ଓ ବ୍ଲକ କନିଷ୍ଠ ଯନ୍ତ୍ରୀ ହାଡିବନ୍ଧୁ ଟୁଡୁଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା। ବ୍ଲକରେ ଚାଲିଥିବା ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ପାରୁ ନଥିବାରୁ ସଦସ୍ୟମାନେ ଉଦବେଗ ପ୍ରକାଶ କରିଥିଲେ। ଏହି ପ୍ରକଳ୍ପ ଅଧପନ୍ତରିଆ ହୋଇପଡିଥିବା ବେଳେ ଆଜି ପର୍ଯ୍ୟନ୍ତ ସମସ୍ତ ଗ୍ରାମକୁ ପିଇବା ପାଣି ଯୋଗାଇ ଦିଆଯାଇ ପାରିଲାନି। ୧୪୦ ଗ୍ରାମକୁ ପାଣି ଦିଆଯାଉଥିବା ବେଳେ ଆଗାମୀ ଜୁନ ମାସ ସୁଦ୍ଧା ସବୁ ଗାଁକୁ ପାଣି ଦିଆଯିବ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ଜଗବନ୍ଧୁ ଧଡ଼ା ମତବ୍ୟକ୍ତ କରିଥିଲେ। ବର୍ତ୍ତମାନ ସମୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜଳକ୍ଲିଷ୍ଟ ଗ୍ରାମଗୁଡ଼ିକୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣର ବ୍ୟବସ୍ଥା କରାଯିବାକୁ ସଦସ୍ୟମାନେ ଦାବି କରିଥିଲେ। କିଛି ସ୍ଥାନରେ ସରକାରୀ ନଳକୂପକୁ ବ୍ୟକ୍ତିଗତ ଲୋକଙ୍କ ବାଡ଼ିରେ, ଜମିରେ ବସାଯାଇ ଥିବାରୁ ଦିନ କେଇଟା ପରେ ତାହା ବ୍ୟକ୍ତିଗତ ମାଲିକାନାକୁ ପଳାଉଛି ବୋଲି ଉପାଧ୍ୟକ୍ଷ ରତିକାନ୍ତ ରାଉତ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରାଯିବ ବୋଲି ବିଡ଼ିଓ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ବ୍ଲକ ଶିକ୍ଷାଧିକାରୀ ରାଜୀବ ଦଳେଇ ବ୍ଲକରେ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଶିକ୍ଷକ ଅଭାବକୁ ନେଇ କିଛି ବିଦ୍ୟାଳୟରେ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ ଅନେକ ସରପଞ୍ଚ ଓ ସମିତିସଭ୍ୟ ଅଭିଯୋଗ କରିଥିଲେ। ସ୍କୁଲ ଖୋଲିବା ପୂର୍ବରୁ ସବୁ ସ୍କୁଲରେ ଶିକ୍ଷକ ନିଯୁକ୍ତି ସାରିଥିବ ବୋଲି ବିଇଓ କହିଥିଲେ। ସେହିପରି ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ୨୧୯ଟି ଅଙ୍ଗନବାଡି କେନ୍ଦ୍ର ମଧ୍ୟରୁ ୧୪୬ଟି କେନ୍ଦ୍ରର ନିଜସ୍ୱ ଗୃହ ଥିବାବେଳେ ଏବେ ୩୬ଟି ନୂତନ ଗୃହର ନିର୍ମାଣ କାର୍ଯ୍ୟ ଚାଲୁଥିବା ନେଇ ସିଡ଼ିପିଓ ଉମାମଣି ମହାପାତ୍ର ସୂଚନା ଦେଇଥିଲେ। ସେହିପରି ୯୫ଭାଗ ଲୋକଙ୍କର ଇ.କେୱାଇସି ହୋଇଥିବା ବେଳେ ଅବଶିଷ୍ଟ ହିତାଧିକାରୀଙ୍କ କାମ ସମ୍ପୂର୍ଣ୍ଣ ହେବ ବୋଲି ଯୋଗାଣ ବିଭାଗ ଅଧିକାରୀ ସତ୍ୟନାରାୟଣ ପଟ୍ଟନାୟକ ସୂଚନା ଦେଇଥିଲେ। ଅନେକଗୁଡ଼ିଏ ରାସ୍ତାକୁ ଆର.ଡି ବିଭାଗକୁ ହସ୍ତାନ୍ତର କରଯାଇଥିବା ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଥିଲେ। ସେହିପରି ହାଟଡ଼ିହୀ ବ୍ଲକରେ ଥିବା ଡାକ୍ତରଖାନାଗୁଡିକରେ ଆବଶ୍ୟକ ଡାକ୍ତର ନଥିବାରୁ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଥିବା ସଦସ୍ୟ ମାନେ ଅଭିଯୋଗ କରିଥିଲେ। ସେହିପରି ପଶୁପାଳନ, ମାଛଚାଷ, ଉଦ୍ୟାନ କୃଷି ଉପରେ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ଆଲୋଚନା କରାଯାଇଥିଲା। ତରତରା ଛକଠାରୁ ମରୈଗାଁ ପର୍ଯ୍ୟନ୍ତ ରାସ୍ତାକୁ ଆଲୋକୀକରଣ, ଛେନାପଦି ଛକ ଠାରେ ଶୋଚାଳୟ ସ୍ଥାପନ ଆଦି ବିଷୟରେ ଆଲୋଚନା ହୋଇଥିବା ବେଳେ ଅକରୁଆ, ଶାସଙ୍ଗ, ପଞ୍ଚୁଗୋଛିଆ, ଇଞ୍ଚୋଳ, କଳିଗାଁ ପଞ୍ଚାୟତକୁ ଆଇଏସଓ ସାର୍ଟିଫିକେଟ ମିଳିଥିବାରୁ ଏସବୁ ପଞ୍ଚାୟତ ପ୍ରତିନିଧିଙ୍କୁ ବ୍ଲକ ପକ୍ଷରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ବୈଠକରେ ସରପଞ୍ଚ ପ୍ରଶାନ୍ତ ରାଉତ, ରବିନ୍ଦ୍ର ଜେନା, ଜଗବନ୍ଧୁ କାଣ୍ଡି, ଦିନେଶ ସେଠୀ, ଅଜିତ ରାଉତ, ହେମଲତା ବେହେରା, ହେମଲତା ଜେନା, ସତ୍ୟଭାମା ଜେନା, ରମାକାନ୍ତ ନାୟକ, ସମିତିସଭ୍ୟ ଦେବବ୍ରତ ବେହେରା, ଶ୍ରୀକାନ୍ତ ନାୟକ, ତାରିଣୀ ସେନାପତି, କୈଳାସ ରାଉତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିପିଡିଓ ଦିବ୍ୟଜ୍ୟୋତି ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏସିପି ପ୍ରଶାନ୍ତ ସେଠୀ, ଜୀବନ ରାଉତ, ଜ୍ୟୋତିରଞ୍ଜନ ମିଶ୍ର, କର୍ମଚାରୀ ସୁଦର୍ଶନ ଘଡେଇ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ୨ ସାଙ୍ଗଙ୍କ ମୃତ୍ୟୁ

ବିଶୋଇ,୨୯।୪(ସମିସ): ବିଶୋଇ ଥାନା ୫୦ ନମ୍ବର ରାଜ୍ୟ ରାଜପଥରେ ଗତକାଲି ବିଳମ୍ବିତ ରାତ୍ରିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଦୁଇ ସାଙ୍ଗ ପ୍ରାଣ ହରାଇଛନ୍ତି। ମୃତକ ହେଲେ ବିଶୋଇ ଥାନା ଅଧୀନ ବାଡୁଣିଆ ଗ୍ରାମ କଲୋନୀ ସାହିର କାର୍ତ୍ତିକ ମାହାଲି(୧୮) ଓ ଅର୍ଜୁନ ବେଶ୍ରା (୨୦)। ଗତକାଲି ବିଳମ୍ବିତ ରାତ୍ରିରେ ଦୁଇ ସାଙ୍ଗ ନିଜ ଘରୁ ମାଣିଚ ଗ୍ରାମକୁ ଆଦିବାସୀ ଡ୍ରାମା ଦେଖିବା ପାଇଁ ଏକ ବାଇକ (ଓଆର୍୧୧ ଇ ୭୭୩୦) ଯୋଗେ ୫୦ ନମ୍ବର ରାଜ୍ୟରାଜପଥ ଦେଇ ଯାଉଥିବା ସମୟରେ ବିଶୋଇ ବଜାରସ୍ଥିତ ପୋଷ୍ଟ ଅଫିସ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଦୁଇଜଣଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗି ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତା ଉପରେ ଉଭୟ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଦୁଇ ଜଣଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। ତେବେ ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ। ବାଇକ୍‌ରୁ ଭାରସାମ୍ୟ ହରାଇ କିମ୍ବା ଅନ୍ୟ କେଉଁ ଯାନ ଧକ୍କା ଦେବା ଫଳରେ ଏହି ଦୁର୍ଘଟଣା ଘଟିଛି ତାହା ସଠିକ ଭାବେ ଜଣାପଡ଼ିନାହିଁ। ଏହି ଘଟଣାକୁ ନେଇ ବିଶୋଇ ଥାନାରେ ଏକ ମାମଲା ରୁଜୁ ହୋଇଥିବାବେଳେ ଶବ ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ନାଲୁହା ନଦୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

କୁଆମରା,୨୯।୪(ସମିସ): ଖୁଣ୍ଟା ଥାନା ପାଣ୍ଡୁ ଦାସ ଖୁଣ୍ଟା ଗ୍ରାମର ସୀତା କିସ୍କୁ (୭୫) ନାମକ ଜଣେ ବୃଦ୍ଧା ଆଜି ନାଲୁହା ନଦୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଆଜି ମଧ୍ୟାହ୍ନରେ ସୀତା ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତାବଶତଃ ଗଭୀର ଜଳ ମଧ୍ୟକୁ ଚାଲିଯାଇ ଆଉ ବାହାରି ପାରି ନଥିଲେ। ତେବେ ପରିବାର ଲୋକେ ଖୋଜାଖୋଜି କରୁଥିବା ବେଳେ ନଦୀ ଜଳରେ ଭାସୁଥିବା ଦେଖିବାକୁ ପାଇଥିଲେ। ତେବେ ସେତେବେଳକୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା। ଏ ନେଇ ଖୁଣ୍ଟା ଥାନାରେ ୨୩/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆସନ୍ତା କାଲି ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ସଠିକ କାରଣ ଜଣାପଡ଼ିବ ବୋଲି ଏଏସ୍ଆଇ ରତିକାନ୍ତ ଦାସ କହିଛନ୍ତି।

## ୧୧ ଛେଳି ନେଇଗଲେ ଦୁର୍ବୃତ୍ତ

କୁଆମରା,୨୯।୪(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ରାଇପଦା ଗ୍ରାମର ଗୌତମ ବେହେରାଙ୍କ ଘରେ ବନ୍ଧା ହୋଇଥିବା ୧୧ଟି ଛେଳିକୁ ଗତ ରାତିରେ ଦୁର୍ବୃତ୍ତମାନେ ଚୋରି କରିଥିବା ନେଇ କୁଆମରା ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଚଳାଇଥିବା ବେଳେ ଏନେଇ ଖୁଣ୍ଟା ଥାନା ରେ ୧୧୩/୨୬ରେ ଏକ ମାମଲା ରୁଜୁ ହୋଇଛି। ଚୋରି ହୋଇଥିବା ଛେଳିର ମୂଲ୍ୟ ଆନୁମାନିକ ୮୦ ହଜାର ଟଙ୍କାରୁ ଅଧିକ ହେବ ବୋଲି କୁହାଯାଇଛି।

## ବିଡିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ଶୁକୃଳି,୨୯।୪(ସମିସ): ଶୁକୃଳି ପଞ୍ଚାୟତ ସମିତିରେ ନୂତନ ଭାବେ ଯୋଗଦେଇଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟାନନ୍ଦ ନାଏକଙ୍କୁ ଶୁକୃଳି ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଦୀର୍ଘଦିନ ଧରି ଏହି ପଦବୀ ଖାଲି ପଡ଼ିଥିବାରୁ ଅଞ୍ଚଳବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଯଦିଓ ଯଶୀପୁର ବିଡିଓ ଭାରପ୍ରାପ୍ତ ଥିଲେ ତାହା ପର୍ଯ୍ୟାପ୍ତ ହେଉନଥିବାରୁ ଲୋକେ ଅସନ୍ତୁଷ୍ଟ ଥିଲେ। ଏବେ ଏହି ସମସ୍ୟାର ସମାଧାନ ହୋଇଥିବାରୁ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି। ସଂଘର ଉପ ସଭାପତି ପ୍ରସନ୍ନ କୁମାର ପଣ୍ଡା, ସମ୍ପାଦକ ନଗେନ ପାଲ୍, ସହ ସମ୍ପାଦକ ଶ୍ରୀପତି କାରୁଆ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ, ବିଶ୍ୱନାଥ ଦଳେଇ, କୃଷ୍ଣଚନ୍ଦ୍ର ଦେବ, ଶିରିଷ ଚନ୍ଦ୍ର ସି, କୃଷ୍ଣଚନ୍ଦ୍ର ଦେଓ ଓ ଘନଶ୍ୟାମ ମହାକୁଡ଼ ସାମିଲ୍ ହୋଇଥିଲେ।

## ଆକାଉଣ୍ଟରୁ ୪୨ ହଜାର ଗାଏବ

ରାଇରଙ୍ଗପୁର/କରଞ୍ଜିଆ,୨୯।୪(ସମିସ): ଅଜାଣତରେ ବ୍ୟାଙ୍କ ଆକାଉଣ୍ଟରୁ ଗାଏବ ହୋଇଯାଇଛି ୪୨ ହଜାର ଟଙ୍କା। ଏ ନେଇ ୱାର୍ଡ ନମ୍ବର ୧୫ ଅଞ୍ଚଳର ସରୋଜ ଦାସ କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହ୍ୱାଟ୍ସଆପ ଜରିଆରେ ଆପ୍ଲିକେସନ ମେସେଜ୍ ଆସିଥିଲା। ଏହାପରେ ତାଙ୍କ ମୋବାଇଲ ବନ୍ଦ ହୋଇ ଯାଇଥିଲା। ତାହାର କିଛି ସମୟ ପରେ ତାଙ୍କର ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଣ ହୋଇଥିବାର ମେସେଜ୍ ଆସିଥିଲା। ଦୁର୍ବୃତ୍ତମାନେ ତାଙ୍କ ମୋବାଇଲ ଜରିଆରେ ତାଙ୍କ ଅଜାଣତରେ ଟଙ୍କା ଉଠାଣ କରିଛନ୍ତି। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି।

# ଜନ୍ମମାଟିକୁ ଫେରିଲେ ହରିୟାଣାରୁ ଉଦ୍ଧାର ଯୁବତୀ

ରାଇରଙ୍ଗପୁର/ଗୋରୁମହିଷାଣି,୨୯।୪(ସମିସ):



ଦିଲ୍ଲୀରେ ଚାକିରି କରାଇଦେବାର ପ୍ରଲୋଭନ ଦେଖାଇ ହରିୟାଣାରେ ନଜରବନ୍ଦୀ କରି ରଖିଥିବା ଆଦିବାସୀ ଯୁବତୀଙ୍କୁ ଉଦ୍ଧାର କରିବା ପରେ ସେ ଜନ୍ମମାଟିକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ହରିୟାଣା ପୁଲିସ ସହାୟତାରେ ଯୁବତୀଙ୍କୁ ହରିୟାଣା ରାଜ୍ୟର ଭିୱାନୀ ଅଞ୍ଚଳର ଏକ ଧନୀକ ବ୍ୟକ୍ତିଙ୍କ ଘରୁ ଉଦ୍ଧାର କରାଯାଇଥିଲା। ଦିଲ୍ଲୀରୁ ଟ୍ରେନ ଯୋଗେ ବୁଧବାର ସକାଳ ସମୟରେ ଆସି ଗୋରୁମହିଷାଣି ଥାନାରେ ପହଞ୍ଚିଛନ୍ତି। ଗୋରୁମହିଷାଣି ଥାନା ଅନ୍ତର୍ଗତ କୁକୁଡ଼ିମୁଣ୍ଡି ଗ୍ରାମର ଜାସାଇ ହାଁସଦାଙ୍କ ଝିଅ ସିନଗୋ ହାଁସଦାଙ୍କୁ ୫ବର୍ଷ ତଳେ ଜଣେ ମହିଳା ଦଲାଲ ତାଙ୍କୁ ଚାକିରି ଲୋଭ ଦେଖାଇ ଝାଡ଼ଖଣ୍ଡ ଅଞ୍ଚଳକୁ ନେଇ ଯାଇଥିଲେ। ପରେ ତାଙ୍କୁ ଦିଲ୍ଲୀର ଏକ ଘରେ ଛାଡ଼ି ଦେଇଥିଲେ। ସେଠାରେ ୫ବର୍ଷ ଧରି ନଜର ବନ୍ଦୀ ରହିବା ପରେ ଝିଅଟି ପରିବାର ଲୋକଙ୍କୁ ଫୋନ କରି ଘଟଣା ବାବଦରେ ଜଣାଇଥିଲା। ଏ ନେଇ ପରିବାର ଲୋକ ଗୋରୁମହିଷାଣି ଥାନାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ଶନିବାର ରାତିରେ ଗୋରୁମହିଷାଣି ଥାନା ପୁଲିସର ଏଏସ୍ଆଇ ବିକାଶ ରଞ୍ଜନ ନାୟକ ଓ ଶକୁନ୍ତଳା ସିଂ ସମେତ ଯୁବତୀଙ୍କ ବାପା ପାବେ ହାଁସଦା ଓ ମା ଜେସାଇଁ ହାଁସଦା ଦିଲ୍ଲୀ ଯାତ୍ରା କରିଥିଲେ। ସୋମବାର ଦିଲ୍ଲୀରେ ପହଞ୍ଚିବା ପରେ ଯୁବତୀ ଜଣକ ହରିୟାଣା ରାଜ୍ୟର ଭିୱାନୀ ଅଞ୍ଚଳରେ ଥିବା ଜାଣିବାକୁ ପାଇଥିଲେ। ଅପରାହ୍ଣ ପ୍ରାୟ ୩ଟା ସମୟରେ ହରିୟାଣା ପୁଲିସ ସହାୟତାରେ ଯୁବତୀଙ୍କୁ ହରିୟାଣା ରାଜ୍ୟର ଭିୱାନୀ ଅଞ୍ଚଳରେ ଏକ ଧନୀକ ବ୍ୟକ୍ତିଙ୍କ ଘରୁ ଉଦ୍ଧାର କରାଯାଇଛି। ସେଠାରେ ଯୁବତୀ ଜଣକ ରହି ଦାଦନ ଖଟୁଥିଲେ। ଗତ ୫ବର୍ଷ ମଧ୍ୟରେ ୩ଟି ସ୍ଥାନରେ କାର୍ଯ୍ୟ କରିଛନ୍ତି। ଗତ ୨ବର୍ଷ ହେବ ଉକ୍ତ ସ୍ଥାନରେ ରହି କାର୍ଯ୍ୟ କରୁଥିବା ବେଳେ ଘରକୁ କିନ୍ତୁ ଆସି ପାରୁନଥିଲେ। ହରିୟାଣା ଯାଇଥିବା ମୟୂରଭଞ୍ଜ ଜିଲ୍ଲା ପୁଲିସର ସ୍ୱତନ୍ତ୍ର ଟିମ ତାଙ୍କୁ ସୋମବାର ଉଦ୍ଧାର କରିଥିଲେ। ଯୁବତୀଙ୍କୁ ଆଣିବା ସମୟରେ କାମ କରୁଥିବା ପରିବାର ଲୋକେ ତାଙ୍କ ପାରିଶ୍ରମିକ ବାବଦରେ ୧,୨୨,୮୦୦ଟଙ୍କାର ଏକ ଚେକ ପ୍ରଦାନ କରିଥିଲେ। ବୁଧବାର ସକାଳେ ଗୋରୁମହିଷାଣି ପହଞ୍ଚିବା ପରେ ପୁଲିସ ଯୁବତୀଙ୍କ ବୟାନ ରେକର୍ଡ କରିଥିଲେ। ଘଟଣା ବାବଦରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝିଥିଲେ। ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲକୁ ଆଣି ସ୍ୱାସ୍ଥ୍ୟ ଯାଞ୍ଚ

### ୫ବର୍ଷ ଧରି ନଜରବନ୍ଦୀରେ ଥିଲେ

କରିଥିଲେ। ୫ବର୍ଷ ହେବ ବନ୍ଦୀ ଭାବେ ଥିବା ବେଳେ ତାଙ୍କ ପ୍ରତି କୌଣସି ଅସଦାଚରଣ ହୋଇଛି କି ତାହାର ଯାଞ୍ଚ କରାଯାଇଛି। ପୁଲିସ ପଚରାଉଚରା କରୁଥିବା ବେଳେ ଆବଶ୍ୟକ ସ୍ଥଳେ ମାମଲା ରୁଜୁ କରିବେ ବୋଲି ଥାନାଧିକାରୀ ଜଗନ୍ନାଥ ମୁଣ୍ଡା ସୂଚନା ଦେଇଛନ୍ତି। ଦୀର୍ଘ ୫ବର୍ଷ ପରେ ହଜିଯାଇଥିବା ଝିଅ ଜନ୍ମ ମାଟିକୁ ଫେରିଥିବା ବେଳେ ପାଖରେ ବାପା ଓ ମା'ଙ୍କୁ ପାଇ ଭାବବିହ୍ୱଳ ହୋଇପଡ଼ିଥିଲେ। ତେବେ ୫ବର୍ଷ ପରେ ଝିଅ ଜନ୍ମମାଟିକୁ ପ୍ରତ୍ୟାବର୍ତ୍ତନ କରୁଥିବାରୁ ଗ୍ରାମବାସୀ ମଧ୍ୟ ଖୁସି ପ୍ରକାଶ କରିଛନ୍ତି।

## ସରକାରୀ ମହିଳା ମହାବିଦ୍ୟାଳୟ ଗୃହବିଜ୍ଞାନ ବିଭାଗର ଆଲୋଚନାଚକ୍ର




ବାରିପଦା,୨୯ ।୪(ସମିସ): ସମନ୍ୱିତ ଶିଶୁ ବିକାଶ ଯୋଜନା(ଆଇସିଡିଏସ)ରେ କାର୍ଯ୍ୟକାରୀ ହେଉଥିବା ପରିପୂରକ ପୁଷ୍ଟିସାର ଯୋଜନାଗୁଡ଼ିକ ସମ୍ପର୍କରେ ଏକ ବିଭାଗୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ ସାଗରିକା ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ପୂର୍ବତନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କୁନ୍ତିମଣୀ ପାତ୍ର ଯୋଗଦେଇ ଶିଶୁ ବିକାଶ ସଂପର୍କିତ ବିଭିନ୍ନ ଯୋଜନା ଓ ତା'ର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରାଇଥିଲେ। ଶିଶୁମାନଙ୍କର ଉଭୟ ଶାରୀରିକ ଓ ମାନସିକ ବିକାଶ ଉପଯୁକ୍ତ ଭାବରେ ନ ହେଲେ ଏକ ସୁସ୍ଥ-ସୁନ୍ଦର ସମାଜ ପରିକଳ୍ପନା କରିବା ଅସମ୍ଭବ ବୋଲି ମଧ୍ୟ ମତପ୍ରକାଶ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷା ନିଜର ସ୍ୱାଗତ ଅଭିଭାଷଣରେ ଦାରିଦ୍ର୍ୟ ଓ ଅଭାବ ଯୋଗୁଁ ଗ୍ରାମାଞ୍ଚଳରେ ବହୁ ଶିଶୁ ଉପଯୁକ୍ତ ପୋଷଣଯୁକ୍ତ ଖାଦ୍ୟରୁ ବଞ୍ଚିତ ହୋଇ କୁପୋଷଣର ଶିକାର ହେଉଛନ୍ତି।ତେଣୁ ନିରାପଦ ମାତୃତ୍ୱ ଓ କୁପୋଷଣ ମୁକ୍ତ ଶିଶୁ ସମାଜ ଗଠନ ନିମନ୍ତେ ସରକାରୀ ପଦକ୍ଷେପଗୁଡ଼ିକ ପ୍ରତ୍ୟେକଟି ପରିବାରର ନିକଟରେ ପହଞ୍ଚିବା ଜରୁରୀ ବୋଲି ଗୁରୁତ୍ୱାରୋପ କରିଥିଲେ। ଗୃହ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ଦେବସ୍ମିତା ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗର ଅଧ୍ୟାପିକା ଅନୁଜା ସାହୁ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ଜଣାଇଥିଲେ ଓ ସେହିପରି ଶୁଭ୍ରାନ୍ତିରେଖା ରାୟ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମକୁ ବଲମଦିନା ଟେଟେ କାର୍ଯ୍ୟକ୍ରମ ପରିଚାଳନାରେ ଆବଶ୍ୟକ ସହଯୋଗ ଯୋଗାଇ ଦେଇଥିଲେ।ଏହି କାର୍ଯ୍ୟକ୍ରମରେ ଗୃହବିଜ୍ଞାନ ବିଭାଗର ସମସ୍ତ ଛାତ୍ରୀମାନେ ଉପସ୍ଥିତ ରହି ଆଲୋଚନାଚକ୍ରକୁ ସଫଳ କରାଇବାରେ ସହାୟକ ହୋଇଥିଲେ।

## ତାଲା ଭାଙ୍ଗି କଳାକନା ବୁଲାଇଲେ ଦୁର୍ବୃତ୍ତ

କୁଆମରା,୨୯।୪(ସମିସ): ଖୁଣ୍ଟା ଥାନା ଗୋପବନ୍ଧୁ ନଗର ବ୍ଲକ୍ ସାଇଁକୁଳା ଗ୍ରାମରେ ଗତ ରାତିରେ ଦୁର୍ବୃତ୍ତମାନେ ଅଭିନ୍ନ କୁମାର ସାହୁଙ୍କ ଘରେ କଳାକନା ବୁଲାଇଛନ୍ତି। ଅଭିନ୍ନଙ୍କ ପରିବାର ଲୋକେ ଘରେ ତାଲା ପକାଇ ବାଲେଶ୍ୱରର ସମ୍ପର୍କୀୟଙ୍କ ଘରକୁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ଏହି ସୁଯୋଗରେ ତାଲା ଭାଙ୍ଗି ଘର ମଧ୍ୟକୁ ପଶିଥିଲେ। ପୁରୁଣା ଆଲମିରା ମଧ୍ୟରେ ଥିବା ନଗଦ ଏକ ଲକ୍ଷ ଟଙ୍କା ଓ ପାଖାପାଖି ୧୦ ଲକ୍ଷ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର ଲୁଟ କରିନେଇଥିବା ନେଇ ଅଭିଯୋଗ ହୋଇଛି। ପୁଲିସ ଚୋରଙ୍କ ଟେର ପାଇ ନଥିବା ବେଳେ ଏ ନେଇ ଥାନାରେ ୧୧୭/୨୬ ରେ ଏକ ମାମଲା ରୁଜୁ ହୋଇଛି। ତେବେ ଦିନକୁ ଦିନ ଚୋରି ବୃଦ୍ଧି ପାଉଥିବା ବେଳେ ରାତ୍ରିକାଳୀନ ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ଦାବି ହେଉଛି।

## ଗୋରୁ ବୋଝେଇ ପିକ୍‌ଅପ୍ ଜବତ, ଦୁଇ ଚାଳକ ଅଟକ

ବେତନଟୀ,୨୯।୪(ସମିସ): ବେତନଟୀ ଥାନା ଛୁରୁଣି ଛକ ନିକଟରୁ ବେତନଟୀ ପୁଲିସ ମଙ୍ଗଳବାର ରାତିରେ ନାଇଟ୍ ପାଟ୍ରୋଲିଂ କରୁଥିବା ସମୟରେ ବୁଧବାର ଭୋର ସମୟରେ ଦୁଇଟି ଗାଈ ବୋଝେଇ ପିକଅପ୍‌କୁ ଜବତ କରି ଥାନାକୁ ଆଣିଥିଲା। ଏହି ଦୁଇଟି ଗାଡ଼ିରେ ୪ ଟି ଗାଈ ଓ ଗୋଟିଏ ବଳଦ ରହିଥିବା ଜଣାପଡ଼ିଛି। ଚାଳକ ଦୁଇଜଣଙ୍କୁ ଥାନାରେ ଅଟକ ରଖି ପୁଲିସ ତଦନ୍ତ ଚଳାଇଥିବା ବେଳେ ଏଥି ନେଇ ୧୮୮/୨୦୨୪ ରେ ଏକ ମାମଲା ମଧ୍ୟ ରୁଜୁ କରିଛନ୍ତି। ଦୁଇ ଚାଳକଙ୍କ ସୂଚନା ଅନୁସାରେ ଭୁବନେଶ୍ୱର ଫୁଲନଖରାରୁ ଜଳେଶ୍ୱରକୁ ଗାଈ ନେଇ ଯାଉଥିବା ବେଳେ ପୁଲିସ ବେତନଟୀରୁ ଧରିଥିଲା। ଚାଳକ ଦୁଇଜଣ ହେଲେ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀର ଈଶ୍ୱର ଜେନା ଓ ଅନ୍ୟଜଣେ ବାଲେଶ୍ୱର ସୋରର ବିଜୟ କୁମାର ପାତ୍ର।



## ଗଛରୁ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

ରାଇରଙ୍ଗପୁର,୨୯।୪(ସମିସ): ବାଦାମପାହାଡ଼ ଥାନା ଅଞ୍ଚଳରେ ଏକ ଗଛରୁ ପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଦାମପାହାଡ଼ ଥାନା ଅନ୍ତର୍ଗତ ପାହାଡ଼ପୁର ଗ୍ରାମର ଧନୁ ବାରୀ (୬୩)। ଆମ୍ବ ଗଛରେ ଚଢ଼ି ସେ ଆମ୍ବ ତୋଳୁଥିବା ବେଳେ ଭାରସାମ୍ୟ ହରାଇ ଖସିପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଅସହାୟ ବୃଦ୍ଧଙ୍କୁ ଥଇଥାନ କଲା ପୁଲିସ



ମୋରଡ଼ା,୨୯।୪(ସମିସ): ବାରିପଦାଉପକଣ୍ଠ ପାଲବଣି ନିକଟରୁ ଜନୈକ ଅସହାୟ ବୃଦ୍ଧଙ୍କୁ ବୁଧବାର ଉଦ୍ଧାର କରି ଥଇଥାନ କରିଛି ବାରିପଦା ସଦର ପୁଲିସ। ମିଳିଥିବା ସୂଚନା ଅନୁଯାୟୀ ବିହାର ରାଜ୍ୟର ଫତୁହା ଥାନା ଅଞ୍ଚଳର ୬୦ବର୍ଷୀୟ ବୃଦ୍ଧ ହରେକୃଷ୍ଣ ପାଶ୍ୱାନ ଗତ ୮ମାସ ଧରି ବାରିପଦା-ଚିତ୍ରଡ଼ା ରାଜ୍ୟ ରାଜପଥରେ ପେଟ ବିକଳରେ ଖାଇବାକୁ ନପାଇ ଅଖିଆ ଅପିଆ ଏଣେତେଣେ ଘୂରି ବୁଲୁଥିଲା। ତେବେ ଏହି ଅପରିଚିତ ବ୍ୟକ୍ତିଙ୍କୁ ଯିଏ ଯେମିତି ପାରିଲା ଗଣ୍ଡାଏ ଖାଇବାକୁ ଦେଉଥିଲେ। ଖବର ପାଇ ବାରିପଦା ସଦର ଥାନା ଆଇଆଇସି ସସ୍ମିତା ମହାନ୍ତଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧିକାର ମିତ୍ର ରବୀନ୍ଦ୍ର କୁମାର ମହାନ୍ତି ଏବଂ ଫ୍ରିଡମ ଫାଉଣ୍ଡେସନର ଅଧ୍ୟକ୍ଷ ସୁବ୍ରତ କୁମାର ତରେଇଙ୍କ ସହଯୋଗରେ ବାରିପଦା ଦେବେନ୍ଦ୍ରପୁରସ୍ଥିତ ବେସରକାରୀ ମାନସିକ ବିକାରଗ୍ରସ୍ତ କେନ୍ଦ୍ରରେ ତାଙ୍କୁ ଥଇଥାନ କରାଯାଇଥିଲା। ତେବେ ବୃଦ୍ଧାଶ୍ରମରେ ରଖିବାପାଇଁ ଜାଗା ଅଭାବରୁ ଏହି ଅସହାୟ ବୃଦ୍ଧଙ୍କୁ ବେସରକାରୀ ମାନସିକ ବିକାର କେନ୍ଦ୍ରରେ ଥଇଥାନ କରାଯାଇଥିବା ଜଣାପଡ଼ିଛି।

## ପାନୀୟ ଜଳ ସମସ୍ୟା ନେଇ ବିଡିଓଙ୍କୁ ଦାବିପତ୍ର

କୁଆମରା,୨୯।୪(ସମିସ): ଖୁଣ୍ଟା ବ୍ଲକ ଭୋଲାଗଡିଆ ପଞ୍ଚାୟତ କଳାପାଣି ଗ୍ରାମର ପାନୀୟ ଜଳ ସମସ୍ୟା ନେଇ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ଗ୍ରାମବାସୀ। ଏହି ଗ୍ରାମର ୨୪ ପରିବାର ସ୍ଥାୟୀ ବାସିନ୍ଦା ରହିଥିବା ବେଳେ ଆବଶ୍ୟକ ନଳକୂପର ଅଭାବ ରହିଛି। ଯେଉଁ କେତୋଟି ନଳ କୂପ ସ୍ଥାପନ ହୋଇଛି ତାହା ଏବେ ଅଦରକାରୀ ହୋଇ ପଡ଼ିଛି। ନଳକୂପ ଗୁଡ଼ିକରୁ ପର୍ଯ୍ୟାପ୍ତ ପାଣି ବାହାରୁ ନାହିଁ। ତତ୍ ସହିତ ଲୁହାଳିଆ ପାଣି ବାହାରୁଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ପାନୀୟ ଜଳ ଉପଯୋଗୀ ନହେବାରୁ ଲୋକେ ଚୁଆ ପାଣି ଆଣି ବ୍ୟବହାର କରୁଛନ୍ତି। ଗ୍ରାମରେ ପାଖାପାଖି ୧୨୦ ଲୋକ ଥିବା ବେଳେ ଗୋଟିଏ ମାତ୍ର ନଳ କୂପ ରହିଛି। ତେଣୁ ଜନ ସଂଖ୍ୟା ତୁଳନାରେ ଆବଶ୍ୟକ ନଳ କୂପ ସ୍ଥାପନ କରିବାକୁ ଦାବି ହୋଇଛି। ତେବେ ଏ ନେଇ ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଭବାନୀ ମହାନ୍ତଙ୍କୁ ପଚାରିବାରୁ ତଦନ୍ତ କରିବା ସହ ସମସ୍ୟାର ସମାଧାନ କରିବେ ବୋଲି କହିଛନ୍ତି।



## ମେ ୯ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ବାରିପଦା,୨୯।୪(ସମିସ): ଆସନ୍ତା ମେ' ୯ ତାରିଖରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ, ବାରିପଦାଙ୍କ ଦ୍ୱାରା ଜିଲ୍ଲା କୋର୍ଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି। ଜିଲ୍ଲା କୋର୍ଟ ବାରିପଦା ବ୍ୟତୀତ ଅନ୍ୟାନ୍ୟ ସ୍ଥାନ ଯଥା ତାଲୁକ ଆଇନ ସେବା ସମିତି କରଞ୍ଜିଆ, ରାଇରଙ୍ଗପୁର, ଉଦଳା, ବେତନଟୀ, ଯଶିପୁର, ଠାକୁରମୁଣ୍ଡା, ରାସଗୋବିନ୍ଦପୁର ଓ ମୋରୋଡ଼ା ଠାରେ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧୀନ ମୋକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ), ପ୍ଲି-ବାର୍ଗେନିଂ ମାମଲା, ମୋଟରଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ, ସାଲିସ ଯୋଗ୍ୟ ଟ୍ରାଫିକ ଚାଲାଣ ମାମଲା, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳ ଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନ୍ସ ମାମଲା ଓ ଅନ୍ୟାନ୍ୟ ଫୌଜଦାରୀ ମାମଲାର ଆପୋସ ସମାଧାନ ହୋଇପାରିବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଏଥିରେ ଅଧିକରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରି ପୁରୁଣା ବିବାଦଗୁଡ଼ିକର ଆପୋସ ସମାଧାନ କରାଇବା ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ, ବାରିପଦା ପକ୍ଷରୁ ସମସ୍ତଙ୍କୁ ନିବେଦନ କରାଯାଇଛି।

**ବେଆଇନ ବାଲି ଉତ୍ତୋଳନ**

# ତାତିଲେ ଗ୍ରାମବାସୀ, ୭ ଟ୍ରାକ୍ଟର ଅଟକ

ଉଦଳା,୨୯।୪(ସମିସ):




ବେଆଇନ ବାଲି ଉତ୍ତୋଳନ ନେଇ ତାତିଛନ୍ତି ଗ୍ରାମବାସୀ। ଲିଜ୍‌ଧାରୀ ନିର୍ଦ୍ଧାରିତ ଅଞ୍ଚଳରୁ ବାଲି ଉତ୍ତୋଳନ ନକରି ନଦୀଶଯ୍ୟାର ଆଡ଼ି ଖୋଳି ବାଲି ନେଉଥିବା ଦେଖି ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିବା ସହ ବିରୋଧ କରିଥିଲେ। ଏପରିକି ବାଲି ଚାଲାଣରେ ବ୍ୟବହୃତ ୭ଟି ଟ୍ରାକ୍ଟର ଅଟକ ରଖିଥିଲେ। ଫଳରେ ବାଲି ଖାଦାନ ଲିଜ୍‌ଧାରୀ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ଉଦଳା ତହସିଲ ଅଧୀନ ଭୀମତାଳି ବାଲି ଘାଟରେ ଏଭଳି ଅନିୟମିତତା ଦେଖିବାକୁ ମିଳିଛି। ଏହି ବାଲି ଖାଦାନ ଲିଜ୍ ନେଇଥିବା ଲିଜଧାରୀ ନିର୍ଦ୍ଦିଷ୍ଟ ଅଞ୍ଚଳ ବାହାରକୁ ଯାଇ ଭୀମତାଳି ନଦୀର ଆଡ଼ିରୁ ବାଲି ଉଠାଣ କରୁଥିଲେ। ବେଆଇନ ଭାବେ ଆଡିରୁ ବାଲି ଉଠାଇବା କାରଣରୁ ଲୋକଙ୍କ ଚାଷ ଜମି ନଦୀ ଗର୍ଭକୁ ଯିବାର ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ଏହି ବାଲି ଉଠାଣକୁ ତୀବ୍ର ବିରୋଧ କରିଛନ୍ତି ଗ୍ରାମବାସୀ। ପରେ ତାଡି ନେଇଥିବା ଅଞ୍ଚଳକୁ ପୁଣି ଫିଲିଂ କରାଯିବ ବୋଲି ଲିଜଧାରୀ ଗ୍ରାମବାସୀଙ୍କୁ କହିଥିଲେ ସୁଦ୍ଧା ଗ୍ରାମବାସୀ ଏଥିରେ ରାଜି ହୋଇନାହାନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ପରେ ମଧ୍ୟ ପ୍ରଶାସନ ଚୁପ୍ ରହୁଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି।

## ପୋଖରୀରେ ବୁଡ଼ି ଜଣେ ମୃତ

ରାଇରଙ୍ଗପୁର,୨୯।୪(ସମିସ): ତିରିଂ ଥାନା ଅନ୍ତର୍ଗତ ଭାଲୁଗୋଡା ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତିରିଂ ଥାନା ଅନ୍ତର୍ଗତ ଅସନା ଗ୍ରାମପଞ୍ଚାୟତ ଭାଲୁଗୋଡ଼ା ଗ୍ରାମ ବୁରୁଟୋଲା ସାହିର ଚାନ୍ଦୁ ଦେହୁରୀ (୪୫)। ଗ୍ରାମ ନିକଟସ୍ଥ ସାଗଯୋଡ଼ି ଗ୍ରାମର ପୋଖରୀରେ ଗାଧୋଉଥିବାବେଳେ ଅସାବଧନତା କାରଣରୁ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ରାଇରଙ୍ଗପୁର ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ପୁଲିସ।



### ଆଦର୍ଶ ସ୍କୁଲ ହଷ୍ଟେଲ କାର୍ଯ୍ୟକାରିତାରେ ବିଳମ୍ବ

# ବିପର୍ଯ୍ୟସ୍ତ ହେଉଛି ଆବାସିକ ଶିକ୍ଷା ବ୍ୟବସ୍ଥା

ବାରିପଦା, ୨୯ ।୪(ସମିସ)

ରାଜ୍ୟର ସର୍ବବୃହତ ଜିଲ୍ଲା ମୟୂରଭଞ୍ଜରେ କାର୍ଯ୍ୟ କରୁଥିବା ୨୬ଟି ଓଡ଼ିଶା ଆଦର୍ଶ ସ୍କୁଲ ମଧ୍ୟରୁ ୧୦ଟିର ଆବାସିକ ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡିଛି । ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଏହି ସ୍କୁଲ ପ୍ରତ୍ୟେକ ବ୍ଲକ୍‌ରେ ଗୋଟିଏ ଲେଖାଏଁ ଅର୍ଥାତ ୨୬ଟି ସ୍କୁଲ କାର୍ଯ୍ୟ କରୁଛି । ମୟୂରଭଞ୍ଜ ଜିଲ୍ଲାରେ ୪ଟି ପର୍ଯ୍ୟାୟ ମଧ୍ୟରୁ ୨୦୧୬ରେ ୧୦ଟି, ୨୦୧୭ରେ ୧୪ଟି ସ୍କୁଲ ଖୋଲିଥିବାବେଳେ ୨୦୧୭ରେ ଶ୍ୟାମାଖୁଣ୍ଟା ଓ ୨୦୧୮ରେ ବାଙ୍ଗିରିପୋଷି ବ୍ଲକରେ ଏହି ସ୍କୁଲ ଖୋଲିଛି । ଯଦିଓ ପ୍ରତ୍ୟେକ ସ୍କୁଲର ନିଜସ୍ୱ କୋଠାଘର ନିର୍ମାଣ ହୋଇସାରିଛି, ତେବେ ୨୬ରୁ ୨୩ଟି ବ୍ଲକ୍‌ରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଗୃହ ନିର୍ମାଣ ପରେ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଶାମାଖୁଣ୍ଟା, ଠାକୁରମୁଣ୍ଡା ଓ ବାଙ୍ଗିରିପୋଷି ଆଦି ୩ଟି ବ୍ଲକ୍‌ରେ ଏପର୍ଯ୍ୟନ୍ତ ଛାତ୍ରୀନିବାସ କାର୍ଯ୍ୟକ୍ଷମ ହୋଇନାହିଁ । ଅପରପକ୍ଷରେ ୨୬ରୁ ୧୯ଟି ବ୍ଲକରେ ଛାତ୍ର ନିବାସ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଶାମାଖୁଣ୍ଟା, ଜାମଦା, ବିଜାତଳା, ବିଶୋଇ, ତିରିଂ, ବହଳଦା ଓ କୁସୁମୀ ଆଦି ୭ଟି ବ୍ଲକରେ କାର୍ଯ୍ୟକ୍ଷମ ହୋଇନାହିଁ । ଫଳରେ ଉପରୋକ୍ତ ବ୍ଲକ୍‌ରେ ଛାତ୍ରଛାତ୍ରୀମାନେ ଆବାସିକ ଶିକ୍ଷାରୁ ବଞ୍ଚିତ ରହିଛନ୍ତି ।

ସୂଚନା ମୁତାବକ, ୨୬ରୁ ୧୮ଟି ବ୍ଲକରେ ୧୦୦ ଶଯ୍ୟା ବିଶିଷ୍ଟ ଓ ୮ଟି ବ୍ଲକ୍‌ରେ ୨୦୦ ଶଯ୍ୟା ବିଶିଷ୍ଟ ଛାତ୍ରନିବାସ ଭିନ୍ନ ଭିନ୍ନ ଅନୁଦାନରେ ନିର୍ମାଣ ହୋଇଥିଲେ ହେଁ ପ୍ରଥମ ପର୍ଯ୍ୟାୟରେ ୧୦୦ ଜଣ ଲେଖାଏଁ ଆବାସିକ ବ୍ୟବସ୍ଥା କରାଯାଇଛି । ଅନେକ ସ୍ଥାନରେ ନିର୍ମାଣ ଶେଷ ହୋଇଥିବା ଗୃହ ହସ୍ତାନ୍ତର ପ୍ରକ୍ରିୟା ବିଳମ୍ବ ପାଇଁ ଛାତ୍ରଛାତ୍ରୀ ଘରୁ ଯା’ଆସ କରି ପଢୁଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା



ପାଇଁ ପ୍ରତି ବ୍ଲକ୍‌ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଜରିଆରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ଆବାସିକ ସିବିଏସସି ଶିକ୍ଷା ମେଧାବୀ ପିଲାଙ୍କ ପାଇଁ ବ୍ୟବସ୍ଥା ସରକାର ଆରମ୍ଭ କରିଥିବାବେଳେ ସରକାର ପରିବର୍ତ୍ତନ ପରେ ସମସ୍ତ ବ୍ୟବସ୍ଥା ପୂର୍ଣ୍ଣ ରୂପାୟନରେ ବିଳମ୍ବିତ ହୋଇଛି । ଫଳରେ ଅଭିଭାବକଙ୍କ ପିଲାଙ୍କ ଯିବାଆସିବା ଖର୍ଚ୍ଚ, ପାଠପଢା ଖର୍ଚ୍ଚଠାରୁ ବଳିଗଲାଣି । ୨୬ଟି ଆଦର୍ଶ ସ୍କୁଲରେ ବର୍ତ୍ତମାନ ୧୦ ହଜାର ୨୩୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ହଷ୍ଟେଲ କାର୍ଯ୍ୟକ୍ଷମ ହୋଇ ନ ଥିବା ବ୍ଲକରେ ସ୍ଥଳବିଶେଷରେ ଜଣେ ଅଭିଭାବକ ତାଙ୍କ ପିଲାଙ୍କୁ ୨୦ରୁ ୩୦ କିମି ଦୈନିକ ଯା’ଆସ କରି ପାଠ ପଢାଇବା ଅର୍ଥବ୍ୟୟ ସାଙ୍ଗକୁ କୋମଳମତି ପିଲାଙ୍କ ଯାତ୍ରାଜନିତ ସମୟ ନଷ୍ଟ ଘଟୁଛି । ଦୂରଦୂରାନ୍ତ ଛାତ୍ରଛାତ୍ରୀ ଆବାସିକ ଶିକ୍ଷା ଅଭାବରୁ ଅନେକ ଅଧାରୁ ଆଦର୍ଶ ବିଦ୍ୟାଳୟ ପରିତ୍ୟାଗ ମଧ୍ୟ କରୁଛନ୍ତି । ରାଜ୍ୟର ପ୍ରତି ବ୍ଲକର ମେଧାବୀ ଛାତ୍ରଛାତ୍ରୀଙ୍କୁ ଉନ୍ନତ ସ୍କୁଲ ଶିକ୍ଷା ପ୍ରଦାନ ପାଇଁ ପ୍ରଣିତ ଯୋଜନା ଉପରୋକ୍ତ ଅବ୍ୟବସ୍ଥା ପାଇଁ ସାକାର ରୂପ ନେବାରେ ବାଧକ ସାଜିଛି । ଏ ନେଇ ଦାୟିତ୍ୱରେ ଥିବା ଅଧିକାରୀ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟଙ୍କ କହିବାନୁଯାୟୀ ୭ଟି ଛାତ୍ର ନିବାସ ଓ ୩ଟି ଛାତ୍ରୀ ନିବାସ ଗ୍ରୀଷ୍ମ ଛୁଟି ପରେ ସ୍କୁଲ ଖୋଲାଯିବା ବେଳକୁ କାର୍ଯ୍ୟକ୍ଷମ ହୋଇଯିବ । ତେବେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ବ୍ୟବସ୍ଥା ଗ୍ରହଣ କରିବାକୁ ଅଭିଭାବକ ମହଲରେ ଦାବି ହେଉଛି ।

## ସାମାଜିକ ସୁରକ୍ଷା ଜନସଚେତନତା ଶିବିର ଉଦ୍‌ଯାପିତ

ରାସଗୋବିନ୍ଦପୁର,୨୯ ।୪(ସମିସ): ରାସଗୋବିନ୍ଦପୁର ବ୍ଲକ ସମଗ୍ର ଶିକ୍ଷା ଓ ଟିମ୍ ପ୍ରୟାସର ମିଳିତ ଉଦ୍ୟମରେ ରାସଗୋବିନ୍ଦପୁର ଅଞ୍ଚଳରେ ଚାଲିଥିବା ସାମାଜିକ ସୁରକ୍ଷା ଜନସଚେତନତା ଶିବିର ଉଦ୍‌ଯାପିତ ହୋଇଛି । ବିଡିଓ ଅନନ୍ତ ହାଁସଦାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ପାର୍ବତୀ ହାଁସଦା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରର ଉଦ୍ଦେଶ୍ୟ ଓ ପ୍ରଭାବ ସମ୍ପର୍କରେ ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ସହିତ ଓଏସଏସ ଏଏଟି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସକ୍ରିୟ ସହଯୋଗ ରହିଥିଲା । ସ୍ଥାନୀୟ ଜନସାଧାରଣଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ସଚେତନ କରିବା ଏହି ଶିବିରର ପ୍ରମୁଖ ଲକ୍ଷ୍ୟ ଥିଲା । ଏହାସହିତ ମନରେଗା, ସମଗ୍ର ଶିକ୍ଷା ଓ ପିଏମ ପୋଷଣ ଯୋଜନା ସମ୍ପର୍କିତ ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଓ ଜନଶୁଣାଣି ଶିବିର ଆୟୋଜିତ ହୋଇଥିଲା । ରସଗୋବିନ୍ଦପୁର ପଞ୍ଚାୟତ ସମିତି ଏହି ଶିବିରକୁ ପରିଚାଳନା କରିଥିଲା ।

## ଉତ୍କଳ ଗୌରବଙ୍କୁ ଶ୍ରଦ୍ଧାଞ୍ଜଳି




ବେତନଟୀ, ୨୯ ।୪(ସମିସ): ବେତନଟୀର ଚଣ୍ଡୀ ଛକରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ସକାଳେ ବେତନଟୀ ଆଇନଜୀବୀ ସଂଘ ଓ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ପୁଷ୍ପମାଲ୍ୟ, ଫୁଲ ଚନ୍ଦନ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ଆଇନଜୀବୀ ହିମାଂଶୁ ପରିଡ଼ା ଓ ଆଇନଜୀବୀ ସଂଘ ପକ୍ଷରୁ ରବିନାରାୟଣ ମହାପାତ୍ର ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଅବସରପ୍ରାପ୍ତ ପ୍ରଫେସର ସଂଯୁକ୍ତା ଜୀ, ଆଇନଜୀବୀଙ୍କ ପକ୍ଷରୁ କୃତୀ ଶିକ୍ଷକ ତଥା ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତି ସ୍ମୃତିଚାରଣ କରିଥିଲେ । ସନ୍ଧ୍ୟାରେ ବେତନଟୀ ସିଭିଲ ସୋସାଇଟି ପକ୍ଷରୁ ଏକ ସ୍ମୃତିଚାରଣ ସଭା ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନର କାର୍ଯ୍ୟକାରୀ ସଭାପତି ହରିଶ ନନ୍ଦଗୋସ୍ୱାମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି ଯୋଗଦେଇ ୨୮ ଏପ୍ରିଲ କାହିଁକି ଆଇନ ଦିବସ, ସ୍ୱାଭିମାନ ଦିବସ ଓ ଓକିଲ ଦିବସ କୁହାଯାଇଛି, ସେ ସମ୍ବନ୍ଧରେ ମତ ରଖିଥିଲେ । ହରେନ୍ଦ୍ର ବାରିକ, ଦୁର୍ଯ୍ୟୋଧନ ସିଂ, ଗୁରୁଚରଣ ଭୂୟାଁ, ହରେକୃଷ୍ଣ ବିଶ୍ୱାଳ, ରବୀନ୍ଦ୍ର ନାଥ ମିଶ୍ର, ବାସୁଦେବ ନାପିତ, ଯତୀନ୍ଦ୍ର ସାହୁ, ପ୍ରକାଶ ବେହେରା ପ୍ରମୁଖ ସ୍ମୃତିଚାରଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବାସନ୍ତୀ ସାହୁ ସହଯୋଗ କରିଥିବାବେଳେ କମଳଲୋଚନ କର ଧନ୍ୟବାଦ ଅର୍ପଣ କରିଥିଲେ ।

## ଓକିଲ ସଂଘ ପକ୍ଷରୁ ମଧୁସୂଦନ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ




ବାରିପଦା,୨୯।୪(ସମିସ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ ତମ ଜୟନ୍ତୀ ତଥା ଆଇନଜୀବୀ ଦିବସ ଜିଲ୍ଲା ଓକିଲ ସଂଘ, ବାରିପଦା ପକ୍ଷରୁ ପାଳନ କରାଯାଇଛି । ଏହି ଅବସରରେ ସଂଘର କାର୍ଯ୍ୟକର୍ତ୍ତାମାନେ ପ୍ରଥମେ କୋର୍ଟ ପରିସରରେ ସ୍ଥାପିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ସ୍ମୃତି ଚାରଣ କରିଥିଲେ । ଏହାପରେ ସ୍ଥାନୀୟ ସହିଦ ସ୍ମୃତି ଭବନ ପରିସରରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହାଇକୋର୍ଟ ବିଚାରପତି ଦେବବ୍ରତ ଦାସ ଯୋଗଦେଇ ମଧୁବାବୁଙ୍କ ସଂଘର୍ଷମୟ ଜୀବନୀ, ଓଡ଼ିଶା ଗଠନରେ ତାଙ୍କର ଅତୁଳନୀୟ ଅବଦାନ ଏବଂ ବର୍ତ୍ତମାନ ସମାଜରେ ଆଇନଜୀବୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ଜାମସେଦପୁର ଏକ୍ସଏଲଆରଆଇର ପ୍ରଫେସର ପରମଜ୍ୟୋତି ସିଂ ବକ୍ତବ୍ୟ ପ୍ରସଙ୍ଗରେ ଏଆଇର ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ବକ୍ତା ଭାବେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଅକ୍ଷୟ କୁମାର ପତି ମଧୁସୂଦନଙ୍କ ଜୟନ୍ତୀ ପାଳନର ତାତ୍ପର୍ଯ୍ୟ ସହିତ ତାଙ୍କର ସ୍ୱତନ୍ତ୍ର ମୟୂରଭଞ୍ଜ ରାଜଦରବାର ସମୟରେ ରହିଥିବା ସମ୍ପର୍କକୁ ନେଇ ଆଲୋଚନା କରିଥିଲେ । ଏହି ଅବସରରେ ଆଇନ ସେବାର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ଦୁଇ ବରିଷ୍ଠ ଆଇନଜୀବୀ ହିମାଂଶୁ ନାରାୟଣ ମହାପାତ୍ର ଓ ପ୍ରଦୀପ କୁମାର ରଥ ଓ ଓକିଲସଂଘର ନିର୍ବାଚନକୁ ପରିଚାଳନା କରିଥିଲେ । ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ମହାନ୍ତି, ସୁପ୍ରିମକୋର୍ଟ ବରିଷ୍ଠ ପ୍ୟାନେଲ କାଉନସିଲ ଭାବେ ମନୋନୀତ ବାରିପଦାର ବରିଷ୍ଠ ଆଇନଜୀବୀ ଜୀବନ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘର ସଭାପତ ଜ୍ୟୋତିପ୍ରକାଶ ରଥଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ବିପ୍ଳବ କୁମାର ବାରିକ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ । ଆଇନଜୀବୀ ବିଭୁ ପ୍ରସାଦ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସଂଘର ଯୁଗ୍ମ ସମ୍ପାଦକ ସ୍ୱରୂପ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉପସଭାପତି ସତ୍ୟବ୍ରତ ଦାଶ, କୋଷାଧ୍ୟକ୍ଷ ପଦ୍ମଲୋଚନ ମହାନ୍ତ, ଯୁଗ୍ମ ସମ୍ପାଦକ ପଙ୍କଜ ମହାକୁଡ଼ ଓ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ସହିତ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସାମାଜିକ ସୁରକ୍ଷା ଜନସଚେତନତା ଶିବିର ଉଦ୍‌ଯାପିତ



ରାସଗୋବିନ୍ଦପୁର,୨୯ ।୪(ସମିସ): ରାସଗୋବିନ୍ଦପୁର ବ୍ଲକ ସମଗ୍ର ଶିକ୍ଷା ଓ ଟିମ୍ ପ୍ରୟାସର ମିଳିତ ଉଦ୍ୟମରେ ରାସଗୋବିନ୍ଦପୁର ଅଞ୍ଚଳରେ ଚାଲିଥିବା ସାମାଜିକ ସୁରକ୍ଷା ଜନସଚେତନତା ଶିବିର ଉଦ୍‌ଯାପିତ ହୋଇଛି । ବିଡିଓ ଅନନ୍ତ ହାଁସଦାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ପାର୍ବତୀ ହାଁସଦା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରର ଉଦ୍ଦେଶ୍ୟ ଓ ପ୍ରଭାବ ସମ୍ପର୍କରେ ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ସହିତ ଓଏସଏସ ଏଏଟି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସକ୍ରିୟ ସହଯୋଗ ରହିଥିଲା । ସ୍ଥାନୀୟ ଜନସାଧାରଣଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ସଚେତନ କରିବା ଏହି ଶିବିରର ପ୍ରମୁଖ ଲକ୍ଷ୍ୟ ଥିଲା । ଏହାସହିତ ମନରେଗା, ସମଗ୍ର ଶିକ୍ଷା ଓ ପିଏମ ପୋଷଣ ଯୋଜନା ସମ୍ପର୍କିତ ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଓ ଜନଶୁଣାଣି ଶିବିର ଆୟୋଜିତ ହୋଇଥିଲା । ରସଗୋବିନ୍ଦପୁର ପଞ୍ଚାୟତ ସମିତି ଏହି ଶିବିରକୁ ପରିଚାଳନା କରିଥିଲା ।

### ଆଶ୍ରମ ବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣା

## ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ବାରିପଦା,୨୯ ।୪(ସମିସ): ରାସଗୋବିନ୍ଦପୁର ବ୍ଲକ୍ କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ଅସୁସ୍ଥ ଓ ମୃତ୍ୟୁ ଘଟଣାରେ ମୋରଡ଼ା ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମୃତ ଛାତ୍ରୀଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା ସମେତ ଅସୁସ୍ଥ ଛାତ୍ରୀଙ୍କୁ କ୍ଷତିପୂରଣ ଦେବା, ମୋରଡ଼ା ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଇସ୍ତଫା ଦାବି କରିଛି । ସଂପୃକ୍ତ ଘଟଣାର ବିଚାର ବିଭାଗୀୟ ତଦନ୍ତ ଓ ମନ୍ତ୍ରୀ ମଣ୍ଡଳରୁ ମନ୍ତ୍ରୀଙ୍କୁ ତୁରନ୍ତ ବହିଷ୍କାର କରା ନ ଗଲେ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଘେରାଉ କରାଯିବ ବୋଲି ରାଜ୍ୟ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି । ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଅନ୍ୟପକ୍ଷରେ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଆଦିବାସୀ ଛାତ୍ର ଛାତ୍ରୀଙ୍କ ପାଇଁ ନ୍ୟାୟ ମାଗିବା ସହ ନଗର ଉନ୍ନୟନ ମନ୍ତ୍ରୀଙ୍କ ବହିଷ୍କାର ଦାବି କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ




ସଭାପତି ରଣଜିତ ପାତ୍ର, ବାଲେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ମୋରଡ଼ା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ତାପସ ରଞ୍ଜନ ରାଉତ, ପୂର୍ବତନ ଯୁବ କଂଗ୍ରେସ ସଭାପତି ଶଶଧର ବେହେରା, ମୁନା ଧଳ ଓ ଯୁବ କଂଗ୍ରେସ ନେତା ଏମ୍ ଡି ନାଜିର ଉଲହକ୍, ଲୋସନ ସାହୁ, ଶୁଭ କୁମାର ମହାନ୍ତ, ଅସିତ ବେହେରା, ସନାତନ ଦେ, ଅକ୍ଷୟ ମହାନ୍ତ, ବଡ଼ସାହି ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଦୀପ୍ତି ଭାନୁ ସେନାପତି ଆଦି ନେତୃତ୍ୱ ନେଉଥିଲେ । ଏହି କାର୍ଯ୍ୟକ୍ରମରେ ମୋରଡା ବ୍ଲକ ପୂର୍ବତନ ସଭାପତି ରାଜେଶ ପଢିଆରୀ, ବରିଷ୍ଠ ଯୁବ କଂଗ୍ରେସ ନେତା ମୋହନ ଦାସ, ବାରିପଦା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରମୋଦ କୁମାର ହେମ୍ବ୍ରମ୍, ଉଦଳା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ଦୁର୍ଗାଚରଣ ଟୁଡୁ, ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ମୁରଲୀ ନାୟକ, ବଡ଼ସାହି ବ୍ଲକ କଂଗ୍ରେସ କମିଟି ସଭାପତି ଶଶାଙ୍କ ଶେଖର କର, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଅମରଜିତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

### ● ୪୪ ଦିନରେ ଜେଏମଏମ୍‌ର ଧାରଣା

## ମନ୍ତ୍ରୀଙ୍କ ପ୍ରତି ବଢୁଛି ଜନଅସନ୍ତୋଷ

ମୋରଡା,୨୯।୪(ସମିସ): ମୋରଡ଼ା ନିର୍ବାଚନ ମଣ୍ଡଳୀଟି ରାଜ୍ୟ ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିଜ ନିର୍ବାଚନୀ କ୍ଷେତ୍ର ହୋଇଥିବା ବେଳେ ତାଙ୍କ ପ୍ରତି ଧୀରେ ଧୀରେ ଜନ ଅସନ୍ତୋଷ ବୃଦ୍ଧି ପାଉଥିବାର ଦେଖିବାକୁ ମିଳିଛି । ଗତ ମାର୍ଚ୍ଚ ୧୭ତାରିଖ ଠାରୁ ଆଜି ପର୍ଯ୍ୟନ୍ତ ୪୪ଦିନ ଦୁଇ ଦଫା ଦାବି ନେଇ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ଦଳ ଧାରଣାରତ ଥିବା ବେଳେ ମନ୍ତ୍ରୀ ମଧ ଏଥିପ୍ରତି ଦୃଷ୍ଟି ଦେଉନଥିବା ବେଳେ କୁମ୍ଭକର୍ଣ୍ଣ ନିଦ୍ରାରେ ରହିଛି ପ୍ରଶାସନ ।ତେବେ ପ୍ରଚଣ୍ଡ ଖରା ତଥା ଗ୍ରୀଷ୍ମ ତାତିରେ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ ଙ୍କ ନେତୃତ୍ୱରେ କର୍ମୀମାନେ କିଶାନତାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ସମସ୍ତ ବିଭାଗ ରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ ସହ ଏକ୍ସରେ ଓ ଉଲ୍ଟ୍ରାସାଉଣ୍ଡ ମେସିନ ସ୍ଥାପନ ପାଇଁ ଧାରଣା ରେ ବସିଛନ୍ତି ।ତେବେ ସରକାରଙ୍କ ବିଫଳତାକୁ ଲୋକଙ୍କ ସମ୍ମୁଖରେ ଆଣିବା ପାଇଁ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ମାଧ୍ୟମରେ ସମସ୍ତ ଜିନିଷ ସାମ୍ନା କୁ ଆଣିଛନ୍ତି ଯାହାଫଳରେ ମନ୍ତ୍ରୀଙ୍କ ପାରିବାପଣିଆ ଉପରେ ଲୋକେ ପ୍ରଶ୍ନ ଉଠାଉଛନ୍ତି ।ତେବେ ଡାକ୍ତର ନିଯୁକ୍ତି ଦେବାରେ ମନ୍ତ୍ରୀଙ୍କ ପାଇଁ କେଉଁଠି ଅସୁବିଧା ରହିଛି ତାହାକୁ ନେଇ ସାଧାରଣ ରେ ଆଲୋଚନା ଜୋର ଧରିଥିବା ବେଳେ ସମସ୍ୟା ସମାଧାନ ହୋଇଗଲେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ନେତା କୃଷ୍ଣଚନ୍ଦ୍ର ଦାସ ନାମ ହୋଇଯିବ ବୋଲି ପ୍ରଶାସନ ଓ ସରକାର ଆଖି ବୁଜି ଦେଇଥିବା ଆଲୋଚନା ହେଉଛି ।




କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ

## ମଧୁବାବୁ ଜୟନ୍ତୀଙ୍କ ଓ ଆଇନଜୀବୀ ଦିବସ




ରାଇରଙ୍ଗପୁର,୨୯।୪(ସମିସ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ରାଇରଙ୍ଗପୁର ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ ପାଳିତ ହୋଇଛି । ସଭାପତି ଅକ୍ଷୟ ମହାନ୍ତିଙ୍କ ସଭାପତିତ୍ୱରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ କୃଷ୍ଣରାମ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଇରଙ୍ଗପୁର କୋର୍ଟର ଅନ୍ୟ ବିଚାରପତିଙ୍କ ସମେତ ଓକିଲ ସଂଘର ସମସ୍ତ ସଦସ୍ୟସଦସ୍ୟା ଯୋଗଦେଇ ମଧୁବାବୁଙ୍କ ଜୀବନୀ ଉପରେ ସ୍ମୃତିଚାରଣ କରିଥିଲେ । ମଧୁବାବୁଙ୍କ ଜୀବନୀ, ଜୀବନ ଦର୍ଶନ ଓ ଓଡିଆ ଜାତିକୁ ଉଠାଇ କିପରି ଭାଷାଭିତ୍ତିକ ପ୍ରଦେଶ ଗଠନ ହୋଇପାରିଥିଲା, ସେ ସମ୍ପର୍କରେ ନିଜ ନିଜର ଭାବନା ବ୍ୟକ୍ତ କରିଥିଲେ । ଜଷ୍ଟିସ ମହାପାତ୍ର ମଧୁବାବୁଙ୍କ ସ୍ୱପ୍ନ ସାକାର କରିବା ପାଇଁ ସମସ୍ତ ଆଇନଜୀବୀ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ । ରାଇରଙ୍ଗପୁର ମାଟିର ଜଣେ ସାଧାରଣ ସରଳ ଝିଅ ଦେଶର ରାଷ୍ଟ୍ରପତି ହୋଇପାରିଥିବାରୁ ରାଇରଙ୍ଗପୁର ମାଟିରେ ପାଦ ଦେଇ ନିଜକୁ ଧନ୍ୟ ମନେ କରିଥିବା କହିଥିଲେ । ଜଣେ ଲୋକଙ୍କୁ ନ୍ୟାୟ ପ୍ରଦାନ କରାଇବା ଜଣେ ଓକିଲର ପ୍ରଥମ କର୍ତ୍ତବ୍ୟ ଅଟେ । ଏ ନେଇ ସଦା ସଚେତନ ରହିବାକୁ ମତ ପ୍ରକାଶ କରିଥିଲେ ।

## ସାମ୍ବାଦିକଙ୍କ ହକ୍ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର




ବାରିପଦା,୨୯ ।୪(ସମିସ): ସାମ୍ବାଦିକଙ୍କ ମୌଳିକ ସମସ୍ୟା ଓ ସୁରକ୍ଷାକୁ ନେଇ ଆଜି ସାରା ରାଜ୍ୟରେ ଆନ୍ଦୋଳନର ସ୍ୱର ଶାଣିତ ହୋଇଥିବା ବେଳେ, ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ଏହାର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଛି । ରାଜ୍ୟର ସର୍ବପୁରାତନ ସାମ୍ବାଦିକ ୟୁନିୟନ ‘ଉତ୍କଳ ସାମ୍ବାଦିକ ସଂଘ’ ମୟୂରଭଞ୍ଜ ଶାଖା ପକ୍ଷରୁ ବୁଧବାର ଏକ ପ୍ରତିବାଦ ଶୋଭାଯାତ୍ରା ସହ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସାମ୍ବାଦିକଙ୍କ ଦାବି ପୂରଣ ପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସାମ୍ବାଦିକମାନେ ସମାଜର ଚତୁର୍ଥ ସ୍ତମ୍ଭ ଭାବେ କାର୍ଯ୍ୟ କରୁଥିଲେ ସୁଦ୍ଧା ସେମାନଙ୍କ ସୁରକ୍ଷା ଓ ସାମାଜିକ ନିରାପତ୍ତା ଏବେ ବି ପ୍ରଶ୍ନଘେରରେ । ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ୬ ଦଫା ଦାବି ସମ୍ବଳିତ ପତ୍ର ଦିଆଯାଇଛି । ଦାବି ମଧ୍ୟରେ ଅଧିସ୍ୱୀକୃତ କମିଟି ପୁନର୍ଗଠନ ସହିତ ପ୍ରଚଳିତ ଆଇନରେ ସଂଶୋଧନ ପୂର୍ବକ ଜିଲ୍ଲା ଓ ରାଜ୍ୟସ୍ତରରେ ଯୋଗ୍ୟ ସାମ୍ବାଦିକଙ୍କୁ ମାନ୍ୟତା ପ୍ରଦାନ, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ୬୦ ବର୍ଷରୁ ଅଧିକ ବୟସ୍କ ସାମ୍ବାଦିକଙ୍କ ପାଇଁ ମାସିକ ଅନ୍ୟୁନ ୧୫ ହଜାର ଟଙ୍କାର ପେନସନ ବ୍ୟବସ୍ଥା । ଓଡ଼ିଶା ପ୍ରେସ୍ ଏକାଡେମୀ ଗଠନ ପୂର୍ବକ ଭୁବନେଶ୍ୱରରେ ଭବନ ନିର୍ମାଣ କରି ବୃତ୍ତିଗତ କାର୍ଯ୍ୟରେ ରାଜଧାନୀ ଆସୁଥିବା ସାମ୍ବାଦିକଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ରହଣି ସୁବିଧା, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ଅଧୀନରେ ଅବସରପ୍ରାପ୍ତ ସାମ୍ବାଦିକ, ହିତାଧିକାରୀଙ୍କ ମାତା-ପିତା ଏବଂ ୨୫ ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନଙ୍କୁ ସାମିଲ ସହିତ ଅନୁକମ୍ପାମୂଳକ ରାଶି ୧୦ ଲକ୍ଷକୁ ବୃଦ୍ଧି କରିବା ଇତ୍ୟାଦି ରହିଛି । ଏହି ପ୍ରତିବାଦ ସଭାରେ ଜିଲ୍ଲାର ଶତାଧିକ ସାମ୍ବାଦିକ ସାମିଲ ହୋଇ ନିଜର ଏକତା ପ୍ରଦର୍ଶନ କରିଛନ୍ତି । ଯଦି ଆଗାମୀ ଦିନରେ ଏହି ଦାବିଗୁଡ଼ିକ ପୂରଣ ନହୁଏ, ତେବେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

### ଆଦିବାସୀ ମହାସଂଘ ପକ୍ଷରୁ ଦାବିପତ୍ର

## ‘ଆଦିବାସୀଙ୍କ ଉପରେ ଅତ୍ୟାଚାର ବନ୍ଦ କର’

ବାରିପଦା,୨୯ ।୪(ସମିସ)

ଆଦିବାସୀଙ୍କ ଉପରେ କଳାହାଣ୍ଡି ଓ ରାୟଗଡ଼ାର ସିଜିମାଳି, କେନ୍ଦୁଝରର ପାଟଣା ବ୍ଲକ୍ ଓ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଅଞ୍ଚଳରେ ବଡ଼ ବଡ଼ ଖଣି ଖାଦାନ, କଳ କାରଖାନା ମାଲିକଙ୍କ ଇଙ୍ଗିତରେ ସରକାରଙ୍କ ପୁଲିସ ଓ ପ୍ରଶାସନ ଦ୍ୱାରା ଚାଲିଥିବା ଦମନଲୀଳା, ଅତ୍ୟାଚାର, ବିସ୍ଥାପନ ଯୋଜନାକୁ ତୁରନ୍ତ ବନ୍ଦ କରିବା ପାଇଁ ଆଦିବାସୀ ମହାସଂଘ ଓଡ଼ିଶା ପକ୍ଷରୁ ଏକ ପ୍ରତିନିଧି ଦଳ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି ।

ଆଦିବାସୀଙ୍କ ଉପରେ ଅତ୍ୟାଚାର ସବୁ ସୀମା ଉଲ୍ଲଙ୍ଘନ କରି ସିଜିମାଳିରେ ରାତିଅଧିଆ ପୁଲିସ ଜରିଆରେ ସେମାନଙ୍କୁ ପିଟାମରା କରି ଘରୁ ଉଠାଇନେବା, ମହିଳା ଓ ଗର୍ଭବତୀଙ୍କ ଉପରେ ମଧ୍ୟ ଜୁଲୁମ କରାଯାଇ ଜବରଦସ୍ତି ଜେଲରେ ଭର୍ତ୍ତି କରିଦେବା ଭଳି ଅମାନୁଷିକ କାର୍ଯ୍ୟ ଫଳରେ ସମସ୍ତ ମାନବିକ ଓ ସାମ୍ବିଧାନିକ



ଅଧିକାରକୁ ଉଲ୍ଲଙ୍ଘନ କରାଯାଇଛି । ଆଦିବାସୀଙ୍କୁ ତାଙ୍କ ଜମି, ଘର ଓ ଜୀବନ ଜୀବିକାରୁ ବିସ୍ଥାପନ କରିବା, ପର୍ଯ୍ୟାବରଣକୁ ଅପୂରଣୀୟ କ୍ଷତି କରାଯାଉଥିବାରୁ ଆଦିବାସୀ ମହାସଂଘ ଓଡ଼ିଶା ପକ୍ଷରୁ ଦୃଢ଼ ଭାବେ ବିରୋଧ କରାଯାଇଛି । ଏହାବ୍ୟତୀତ ପେସା ଆଇନକୁ କାର୍ଯ୍ୟ କରିବା, ଆଦିବାସୀଙ୍କ ପାଇଁ ସ୍ୱତନ୍ତ୍ର ଧର୍ମକୋଡ ଲାଗୁ କରିବା, ମୁଣ୍ଡାରୀ, ଗଣ୍ଡି, କୁଇ, କୁରୁଖ, ସୌରା ଓ ହୋ ଆଦିବସୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ଓ ଓଡ଼ିଶାର ରାଜଭାଷା ରୂପେ ସ୍ୱୀକୃତି ଦେବା ଓ ଜଳ, ଜଙ୍ଗଲ, ଜମିର ସୁରକ୍ଷା ନିମନ୍ତେ ତୁରନ୍ତ ପଦକ୍ଷେପ ନେବା ପାଇଁ ଆଦିବାସୀ ମହାସଂଘ ଓଡ଼ିଶା ଦୃଢ଼ ଭାବେ ଦାବି କରିଛି । ଉପରୋକ୍ତ ଦାବି ଓ ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ବୃହତର ଆନ୍ଦୋଳନର ସୂତ୍ରପାତ ହେବ ବୋଲି ଆଦିବାସୀ ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦାଖଲ ପ୍ରଦାନ ସମୟରେ ଆଦିବାସୀ ମହାସଂଘ ଓଡ଼ିଶାର ମହିଳା ସଭାପତି ସୁକାନ୍ତୀ ନାୟକ, ଜିଲ୍ଲା ସଭାପତି ରବୀନ୍ଦ୍ର ନାଥ ସିଂହ, ନାଥ ସିଂହ, ପଦ୍ମଲୋଚନ ଟୁଡୁ, ଦୟାନିଧି ନାୟକ, ବାଇଧର ସିଂହ, ସବରନ ସିଂହ, ଗଜପତି ନାୟକ ଓ ପ୍ରଦୀପ କୁମାର ନାୟକ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଖିଦ୍‌ମତ ଫାଉଣ୍ଡେସନ୍ ପକ୍ଷରୁ ଜିତୁ ମୁଣ୍ଡାଙ୍କୁ ସହାୟତା

ତୁରୁମୁଙ୍ଗା, ୨୯।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମଲ୍ଲୀପଶି ଗ୍ରାମ୍ୟ ବ୍ୟାଙ୍କରୁ ମୃତ ଭଉଣୀଙ୍କ ଜମା ଟଙ୍କାକୁ ଉଠାଇବା ପାଇଁ ଭାଇ ଜିତୁ ମୁଣ୍ଡା ବ୍ୟାଙ୍କଙ୍କୁ ମୃତଦେହ ନେବା ଘଟଣା ପରେ ଏବେ ଜିତୁ ମୁଣ୍ଡାଙ୍କ ଘରକୁ ଲୋକଙ୍କ ସୁଅ ଛୁଟୁଛି। ସେ ୩ ମାସ ତଳୁ ମୃତ୍ୟୁ ହୋଇଥିବା ଭଉଣୀ କାଲାରା ମୁଣ୍ଡାଙ୍କ ଶବ କଙ୍କାଳକୁ ମଶାଣିରୁ ଖୋଳି କାନ୍ଧରେ ବୋହି ଟଙ୍କା ପାଇଁ ବ୍ୟାଙ୍କକୁ ଯିବା ଖବର ପ୍ରକାଶ ପରେ ବୁଧବାର ଖିଦ୍‌ମତ ଫାଉଣ୍ଡେସନ



ହାଇଦ୍ରାବାଦ ପକ୍ଷରୁ ଜିତୁମୁଣ୍ଡାଙ୍କୁ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ପ୍ରତିଷ୍ଠାତା ନିଶାର ଏହମ୍ମଦ ମିର ସୁଲତାନ ଅଲ୍ଲୀ, ଅତାଉର ମିର୍ଜା, ମିର ଉସ୍ମାନ ଅଲ୍ଲୀ, ନାରାୟଣ ପ୍ରସାଦ ଦାସ ପ୍ରମୁଖ ଜିତୁ ମୁଣ୍ଡାଙ୍କ ଘରେ ପହଞ୍ଚି ଜିତୁଙ୍କୁ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି।

# ଦୁଷ୍କର୍ମକାରୀକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

କେନ୍ଦୁଝର, ୨୯।୪(ସମିସ)

କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ଏକ ଅପହରଣ ଓ ବଳାତ୍କାର ମାମଲାର ଶୁଣାଣି କରି ସୁଶୀଲ ହେମ୍ବ୍ରମଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧୫ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ଦେଢ଼ ବର୍ଷ ଜେଲ ଆଦେଶ କରିଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ଆଦେଶ କରିଛନ୍ତି। ପୀଡ଼ିତା କେନ୍ଦୁଝର ସହରରେ ରହି ଆସୁଥିଲା ବେଳେ ଗତ ୦୭/୦୬/୨୦୨୪ରେ ମାଉସୀଙ୍କ ସମ୍ପର୍କୀୟ କକାପୁଅ ଭାଇ କାଳିଆ ମୁଖି ଏବଂ ମୟୂରଭଞ୍ଜ ଜିଲ୍ଲାର ନହବେଡା ଗ୍ରାମର ସୁଶୀଲ ହେମ୍ବ୍ରମ ତାଙ୍କୁ ଅପହରଣ କରି କୁଆଡେ ନେଇ ଯାଇଥିଲେ। ଟାଉନ ଥାନାରେ ଏତଲା ଆଧାରରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିବା ବେଳେ ଏହି ମାମଲାରେ ୧୪ ଜଣ ସାକ୍ଷୀଙ୍କ ବୟାନ ଓ ପୁଲିସ ତଦନ୍ତ ରିପୋର୍ଟକୁ ଆଧାର କରି ଏଫ୍‌ଟିଏସ୍‌ସି (ଫାଷ୍ଟଟ୍ରାକ୍) ଅଦାଲତର ବିଚାରପତି ଶ୍ରୀ ମିଶ୍ର ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ପତିତପାବନ ନାଥ ମାମଲା ପରିଚାଳନା କରୁଥିଲେ।

### ଶିକ୍ଷା ବ୍ୟବସ୍ଥା ପରିବର୍ତ୍ତନକୁ ଦୀର୍ଘଦିନ ବିତିଲା

# ବିଦ୍ୟାଳୟରେ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ନିଯୁକ୍ତି କେବେ?

ଆନନ୍ଦପୁର, ୨୯।୪(ସମିସ): ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସୁଧାର ଆଣିବାକୁ ସରକାର ଶ୍ରେଣୀର ବିଭାଜନ କଲେ। ଏହି ବ୍ୟବସ୍ଥାର ୮ ବର୍ଷ ପରେ ମଧ୍ୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ନିଯୁକ୍ତି ହୋଇପାରିଲାନି। ଫଳରେ ଛାତ୍ରଛାତ୍ରୀ ହିନ୍ଦୀ ଓ ସଂସ୍କୃତ କିଭଳି ଅଧ୍ୟୟନ କରୁଥିବେ ଏହାକୁ ନେଇ ପ୍ରଶ୍ନ ଉଠିଛି। ଆନନ୍ଦପୁର ଉପଖଣ୍ଡର ଶତାଧିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହିନ୍ଦୀ ଓ ସଂସ୍କୃତ କାମଚଳା ଭାବେ ପଢ଼ା ଯାଉଥିବା ଅଭିଯୋଗ ହୋଇଛି।



ଆମ ରାଜ୍ୟର ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ସପ୍ତମ କିମ୍ବା ଷଷ୍ଠରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯାଉଥିଲା। ସେହିପରି ମାଧ୍ୟମିକ ବିଦ୍ୟାଳୟଗୁଡିକରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯାଉଥିଲା। ୨୦୧୭-୧୮ ଶିକ୍ଷାବର୍ଷରେ ସମଗ୍ର ଭାରତ ବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ପୂର୍ବରୁ ଚାଲୁଥିବା ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମକୁ ପରିବର୍ଦ୍ଧିତ କରାଯାଇ ପ୍ରଥମରୁ ଦ୍ୱାଦଶ ଶ୍ରେଣୀପର୍ଯ୍ୟନ୍ତ 'ସମଗ୍ର ଶିକ୍ଷା' କାର୍ଯ୍ୟକ୍ରମ ଆରମ୍ଭ କରାଗଲା। ସମଗ୍ର ଶିକ୍ଷାରେ ଅଷ୍ଟମ ଶ୍ରେଣୀକୁ ମାଧ୍ୟମିକ ସ୍ତରରୁ ପ୍ରତ୍ୟାହାର କରାଯାଇ ଉଚ୍ଚ ପ୍ରାଥମିକ ସ୍ତରରେ ଅନ୍ତର୍ଭୁକ୍ତ କରାଗଲା। ତେଣୁ କରି ଓଡ଼ିଶା ସରକାରଙ୍କ ନିଷ୍ପତ୍ତିକ୍ରମେ ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଗଲା। ହାଇସ୍କୁଲଗୁଡିକରେ କେବଳ ନବମ ଓ ଦଶମ ଶ୍ରେଣୀ ପାଠ ପଢ଼ାଗଲା। ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବାସ୍ଥଳେ ଆଠଟି ଶ୍ରେଣୀରେ କିପରି ଶିକ୍ଷାଦାନ ହେବ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ହାଇସ୍କୁଲଗୁଡିକରେ ଦୁଇଟି ଶ୍ରେଣୀକୁ ଆଠ ଜଣ ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା ରହିଛି। ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ୨୦୧୯ ରେ ଏଲିମେଣ୍ଟାରୀ କ୍ୟାଡର ରୁଲରେ ସଂଶୋଧନ କରି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଥିବା ବିଦ୍ୟାଳୟଗୁଡିକରେ ଜଣେ ଲେଖାଏଁ ସ୍ନାତକ କଳା ଶିକ୍ଷକ ଏବଂ ଜଣେ ଲେଖାଏଁ ସ୍ନାତକ ବିଜ୍ଞାନ ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା କରିବା ପରେ ପ୍ରତି ବିଦ୍ୟାଳୟରେ ସ୍ନାତକ କଳା ଏବଂ ବିଜ୍ଞାନ ଶିକ୍ଷକ ନିଯୁକ୍ତି ପାଇଛନ୍ତି। କିନ୍ତୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକରେ ହିନ୍ଦୀ, ସଂସ୍କୃତ ବିଷୟ ପଢ଼ାଇବାକୁ ପାଠ୍ୟକ୍ରମରେ ଥିବାବେଳେ ଗଣଶିକ୍ଷା ବିଭାଗ ତରଫରୁ କୌଣସି ସଂସ୍କୃତ/ହିନ୍ଦୀ ଶିକ୍ଷକ ନିଯୁକ୍ତ ହୋଇନାହାନ୍ତି। ଫଳରେ ଅଧିକାଂଶ ବିଦ୍ୟାଳୟରେ ଉକ୍ତ ବିଷୟଗୁଡିକ ଶିକ୍ଷାଦାନ ହୋଇପାରୁନାହିଁ। ଏପରିକି ଅଧିକାଂଶ ଉଚ୍ଚ ପ୍ରାଥମିକଗୁଡିକରେ ଆଠଟି ଶ୍ରେଣୀ ପାଇଁ ୪ରୁ ୫ ଜଣ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ସ୍ଥାୟୀ ପ୍ରଧାନ ଶିକ୍ଷକ ପଦ ଖାଲି ରହିଛି। ଏବେ ଚଳିତ ଶିକ୍ଷାବର୍ଷ ୨୦୨୫-୨୬ ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟ ପୁସ୍ତକ ପ୍ରଣୟନ କରାଯାଇଛି। ନୂତନ ପାଠ୍ୟକ୍ରମରେ ଉଚ୍ଚପ୍ରାଥମିକ ଶ୍ରେଣୀ ପାଇଁ କ୍ରୀଡ଼ା ଓ ଯୋଗ ଶିକ୍ଷା, କଳା ଶିକ୍ଷା, କର୍ମାନୁଭୂତି ଶିକ୍ଷା ଉପରେ ଆଧାରିତ ୩ଟି ନୂତନ ପାଠ୍ୟ ପୁସ୍ତକ ପ୍ରସ୍ତୁତ କରାଯାଇଛି। ପୂର୍ବରୁ କୌଣସି ଅତିରିକ୍ତ ଶିକ୍ଷକ ନିଯୁକ୍ତି ହୋଇ ନଥିବା ବେଳେ ଏବେ ପୁଣି ଅତିରିକ୍ତ ତିନୋଟି ବିଷୟ ଅନ୍ତର୍ଭୁକ୍ତ ହୋଇଥିବାରୁ ଉଚ୍ଚ ପ୍ରାଥମିକ ସ୍ତରରେ କିପରି ପାଠ ପଢ଼ାଯିବ ଏବେ ଚିନ୍ତାର ବିଷୟ ପାଲଟିଛି।

ଆନନ୍ଦପୁର ଉପଖଣ୍ଡରେ ମୋଟ ୧୦୦ରୁ ଅଧିକ ବିଦ୍ୟାଳୟ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି। ଆନନ୍ଦପୁର ପୌରାଞ୍ଚଳ ମଡେଲ ସ୍କୁଲ, ଶାଳପଡ଼ା ଉପ୍ରା ବିଦ୍ୟାଳୟ, ଶୈଲଙ୍ଗ ଉପ୍ରା ବିଦ୍ୟାଳୟ, ପୋଡାଖମଣ ଉପ୍ରା ବିଦ୍ୟାଳୟରେ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି। ରାଜ୍ୟସରକାର ଉଚ୍ଚପ୍ରାଥମିକ ବିଦ୍ୟାଳୟଗୁଡିକରେ ତୁରନ୍ତ ହିନ୍ଦୀ, ସଂସ୍କୃତ ଶିକ୍ଷକଙ୍କ ସମେତ କ୍ରୀଡ଼ା ଶିକ୍ଷକ ନିଯୁକ୍ତି ପାଇଁ ତ୍ୱରିତ ପଦକ୍ଷେପ ନେବା ପାଇଁ ଶିକ୍ଷାପ୍ରେମୀ ମହଲରେ ଦାବି ଜୋର୍ ଧରିଛି।

# ବଞ୍ଜୋ ଛକ ଯାତ୍ରୀ ବିଶ୍ରାମାଗାର ଅବହେଳିତ



ହାଟଡ଼ିହୀ, ୨୯।୪(ସମିସ): ହାଟଡ଼ିହୀ ବ୍ଲକ ବଞ୍ଜୋ ଛକରେ ଥିବା ଯାତ୍ରୀ ବିଶ୍ରାମାଗାର ଦୀର୍ଘଦିନ ଧରି ପ୍ରଶାସନର ଅବହେଳାରେ ପଡ଼ି ରହିଛି। ଯାତ୍ରୀମାନଙ୍କ ସୁବିଧା ପାଇଁ ନିର୍ମିତ ଏହି ବିଶ୍ରାମାଗାର ବର୍ତ୍ତମାନ ଦୁର୍ଦ୍ଦଶାର ଚିତ୍ର ପ୍ରଦର୍ଶନ କରୁଛି। ଛାତରୁ ପ୍ଲାଷ୍ଟର ଭାଙ୍ଗି ପଡୁଥିବାରୁ ଯେକୌଣସି ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି; ଯାହା ଯାତ୍ରୀମାନଙ୍କ ମନରେ ଭୟ ସୃଷ୍ଟି କରୁଛି। ପରିଚ୍ଛନ୍ନତାର ଅଭାବ ମଧ୍ୟ ଏହି ସମସ୍ୟାକୁ ଅଧିକ ଗମ୍ଭୀର କରିଦେଇଛି। ଚାରିପାଖରେ ଆବର୍ଜନା ଜମି ରହିବାରୁ ପରିବେଶ ଅସ୍ୱାସ୍ଥ୍ୟକର ହୋଇପଡ଼ିଛି। ଯାତ୍ରୀମାନେ ବସିବାକୁ ଅସୁବିଧା ଅନୁଭବ କରୁଛନ୍ତି। ବର୍ତ୍ତମାନ ରାଜ୍ୟରେ ଚାଲିଥିବା ତୀବ୍ର ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଏହି ବିଶ୍ରାମାଗାରର ଅବସ୍ଥା ଯାତ୍ରୀଙ୍କ ଦୁଃଖକୁ ଅଧିକ ବଢ଼ାଇଛି। ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ଛାୟାର ଅଭାବ ସହିତ ପାନୀୟଜଳର ବ୍ୟବସ୍ଥା ନଥିବାରୁ ଲୋକମାନେ ଅତ୍ୟନ୍ତ କଷ୍ଟ ଭୋଗୁଛନ୍ତି। ବୟସ୍କ ବ୍ୟକ୍ତିଠାରୁ ଆରମ୍ଭ କରି ମହିଳା ଓ ଛୋଟ ପିଲା, ସ୍କୁଲ କଲେଜ ଛାତ୍ରଛାତ୍ରୀମାନେ ବିଶେଷକରି ଏହାର ପ୍ରଭାବରେ ପଡୁଛନ୍ତି। ସ୍ଥାନୀୟ ବ୍ୟବସାୟୀ ଓ ଯାତ୍ରୀମାନେ କହିଛନ୍ତି ଯେ ଏଠାରେ ଯଦି ସଠିକ୍ ଭାବେ ପାନୀୟଜଳର ବ୍ୟବସ୍ଥା କରାଯାଏ, ତେବେ ଗ୍ରୀଷ୍ମରେ ଯାତ୍ରୀମାନଙ୍କୁ ଟିକେ ଆଶ୍ୱସ୍ତି ମିଳିପାରନ୍ତା। କିନ୍ତୁ ପ୍ରଶାସନ ଏପର୍ଯ୍ୟନ୍ତ ଏ ଦିଗରେ କୌଣସି ଠୋସ୍ ପଦକ୍ଷେପ ନେଇନାହାନ୍ତି ବୋଲି ସେମାନେ କହିଛନ୍ତି। ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ଯେ ତୁରନ୍ତ ବିଶ୍ରାମାଗାରର ମରାମତି କାମ ଆରମ୍ଭ କରାଯାଉ, ପରିଚ୍ଛନ୍ନତା ନିଶ୍ଚିତ କରାଯାଉ ଏବଂ ପାନୀୟଜଳର ବ୍ୟବସ୍ଥା କରାଯାଉ। ଏବେ ଦେଖିବାକୁ ବାକି ରହିଲା, ଏହି ସମସ୍ୟାର ଗାମ୍ଭୀର୍ଯ୍ୟକୁ ବୁଝି ପ୍ରଶାସନ କେବେ ଏହାର ସମାଧାନ ଦିଗରେ ଗୁରୁତ୍ୱ ଦେବ ଓ ସାଧାରଣ ଲୋକଙ୍କୁ ଆଶ୍ୱସ୍ତି ମିଳିବ ?

# ପଣ୍ଡିତ ଗୌରହରି ଦ୍ୱିବେଦୀଙ୍କ ପରଲୋକ

ତୁରୁମୁଙ୍ଗା, ୨୯।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟ ଦୁର୍ଗାଦେଇପୁର ଶାଶନ ବାସିନ୍ଦା ତଥା ଜଣାଶୁଣା ପଣ୍ଡିତ ଗୌରହରି ଦ୍ୱିବେଦୀଙ୍କର ବୁଧବାର ପୂର୍ବାହ୍ନରେ ୭୩ ବର୍ଷରେ ପରଲୋକ ଘଟିଛି। ସେ ଜଣେ ବେଦଜ୍ଞ ବ୍ରାହ୍ମଣ ଓ କୁଳ ପୁରୋହିତ ଭାବେ ଜଣାଶୁଣା ଥିଲେ। ଦୁର୍ଗାଦେଇପୁରରେ ସେ ୨ ଥର ୱାର୍ଡସଦସ୍ୟ ଭାବେ ମଧ୍ୟ ନିର୍ବାଚିତ ହୋଇଥିଲେ।



ତାଙ୍କ ବିୟୋଗରେ ପାଟଣା ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଖବର ପାଇ ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ବଡ଼ପାଟଣା ସରପଞ୍ଚ ବିନତି ବାନରା, ସାମାଜିକ କର୍ମୀ ଯୁଗଳ କିଶୋର ଦାଶ, ସାମ୍ବାଦିକ କିଶୋରଚନ୍ଦ୍ର ମହାନ୍ତ, ବୀରକିଶୋର ଦାଶ, କଳ୍ପତରୁ କରଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ବାସଗୃହରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ପାଟଣା ପବିତ୍ର ବୈତରଣୀ କୂଳ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ସାମ୍ବାଦିକ କାମିନିକାନ୍ତ ଦ୍ୱିବେଦୀ ପିତାଙ୍କୁ ମୁଖାଗ୍ନି ଦେଇଥିଲେ।





# ଆନନ୍ଦପୁର-ବାଉଁଶଗଡ଼ ରାସ୍ତାର ଭିତ୍ତିପ୍ରସ୍ତର

ଆନନ୍ଦପୁର, ୨୯।୪ (ସମିସ): ଆନନ୍ଦପୁରଠାରୁ ବାଉଁଶଗଡ଼ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଉନ୍ନତୀକରଣ ନିମନ୍ତେ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ବିଧାୟକ ଅଭିମନ୍ୟୁ ସେଠୀ ଓ ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ନଗରପାଳ ରାମଚନ୍ଦ୍ର ସାହୁଙ୍କ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୯ କୋଟିରୁ ଅଧିକ ଟଙ୍କା ବ୍ୟୟରେ ଏହି ରାସ୍ତାର ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଯୋଜନା କରାଯାଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଧରଣୀଧର ବିଶ୍ୱବିଦ୍ୟାଳୟରେ ସଚେତନତା କର୍ମଶାଳା

କେନ୍ଦୁଝର, ୨୯।୪(ସମିସ): ଧରଣୀଧର ବିଶ୍ୱବିଦ୍ୟାଳୟରେ ଏକ କର୍ମଶାଳା 'ମାନସିକ ସ୍ୱାସ୍ଥ୍ୟବୃଦ୍ଧି ଓ ଦୁଃଶ୍ଚିନ୍ତା ଦୂରକରିବାରେ ଯୋଗର ଭୂମିକା' ଶୀର୍ଷକରେ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କର୍ମଶାଳାକୁ ବିଶ୍ୱବିଦ୍ୟାଳୟର ନବନିଯୁକ୍ତ କୁଳପତି ପ୍ରଫେସର ସଞ୍ଜୟ କୁମାର ପାତ୍ର ଉଦଘାଟନ କରିଥିଲେ। ବରିଷ୍ଠ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ମମତା ଜେନା କହିଥିଲେ, ଖାଦ୍ୟ ଗ୍ରହଣ କରିବାର ନିୟମ ହିଁ ସୁନ୍ଦର ସ୍ୱାସ୍ଥ୍ୟର କାରଣ ହୋଇଥାଏ। ପତଞ୍ଜଳି କେନ୍ଦୁଝର ଶାଖାର ସଦସ୍ୟ ମାଗୁଣି ଚରଣ ବାରିକ ଯୋଗର ଗୁରୁତ୍ୱ ଦର୍ଶାଇଥିଲେ। ଏହି କର୍ମଶାଳାରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡକ୍ଟର ପ୍ରଭୁପ୍ରସାଦ ଦାସ ଓ କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ଶକ୍ତିଶ୍ରୀର ସଂଯୋଜିକା ଡକ୍ଟର ଅନୁପମା ଦାଶ ଓ ଶକ୍ତିଶ୍ରୀର ଅଧ୍ୟକ୍ଷ ବିଜୟ କୁମାର ବେହେରା। ମନୋରମା ଖଣ୍ଡା, ଡକ୍ଟର ସ୍ମିତାରାଣୀ ବେହେରା ଓ ଲିଉଟ୍‌ନାଣ୍ଟ ସଲମା କିସ୍କୁଙ୍କ ପରିଚାଳନାରେ ପ୍ରାୟ ଦୁଇଶହ ଛାତ୍ରୀ ଅଂଶଗ୍ରହଣ କରିଥିଲେ।



# ଆମ୍ବ ବଗିଚାରେ ହାତୀ ଉତ୍ପାତ



ତେଲକୋଇ, ୨୯।୪(ସମିସ): କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜରେ ବଣୁଆ ହାତୀଙ୍କ ଉପଦ୍ରବ ଥମିବାରେ ନାଁ ଧରୁନି। ସ୍ଥାନୀୟ ଅଞ୍ଚଳରେ ବର୍ଷ ତମାମ ହାତୀପଲ ନିଜର ଉପସ୍ଥିତ ଜାହିର କରୁଛନ୍ତି। ଗତକାଲି ରାତିରେ ତେଲକୋଇ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଖୁଣ୍ଟାପଡ଼ା ଗ୍ରାମ ଆମ୍ବ ବଗିଚାରେ ପଶି ହାତୀ ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମର ବିରଞ୍ଚି କୁମାର ବେହେରାଙ୍କ ଡିମିରିବନ୍ଧ ଚକରେ ଥିବା ଫାର୍ମ ହାଉସରେ ଦୁଇଟି ହାତୀ ପଶି ଆମ୍ବ, ନଡ଼ିଆ, କଦଳୀ, ସପୁରୀ, ଲିଚୁ, ବାଉଁଶ ପ୍ରଭୃତି ଗଛ ଉପାଡି ଖାଇବା ସହିତ ତାର ବାଡ ଓ ସିମେଣ୍ଟ ଖୁଣ୍ଟ ଗୁଡ଼ିକୁ ମାଡିଦଳି ନଷ୍ଟ କରିଦେଇଛନ୍ତି। ବ୍ରଜକିଶୋର ପ୍ରଧାନ, ଅଶୋକ କୁମାର ସାହୁ, ନିରଞ୍ଜନ ସାହୁ, କଳାକର ସାହୁଙ୍କ ଆମ୍ବ ବଗିଚା ନଷ୍ଟ କରିଥିବା ଅଭିଯୋଗ ହୋଇଛି। ବନ ବିଭାଗ ପକ୍ଷରୁ ହାତୀଙ୍କ ଗତିବିଧି ଉପରେ ଦୃଷ୍ଟି ଦେବା ସହିତ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଶୁଆକାଟି ପାଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କେନ୍ଦୁଝର, ୨୯।୪(ସମିସ)

କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ ଶୁଆକାଟିସ୍ଥିତ ପାଟେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବୁଧବାର ୩୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ରମାକାନ୍ତ ସ୍ୱାଇଁ ଏହି ବାର୍ଷିକ ଉତ୍ସବକୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ସହକାରୀ ପ୍ରାଧ୍ୟାପକ ଡ଼କ୍ଟର ସୁମନ୍ତ ନାଏକ ବର୍ତ୍ତମାନର ପରିସ୍ଥିତିରେ ଓଡ଼ିଆ ଅସ୍ମିତାର ଆବଶ୍ୟକତା ଶୀର୍ଷକ ଉପରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅଭିଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ କେନ୍ଦୁଝର ବିଜେପି ମିଡ଼ିଆ ସଂଯୋଜକ ବ୍ରଜକିଶୋର ରାୟ, ସମ୍ମାନିତ ଅତିଥି ଭାବେ ଯୁବନେତୃତ୍ୱ ରୋହିତ ରଞ୍ଜନ ବାରିକ, ରୁଦ୍ରପ୍ରସାଦ ବେହେରା ଏବଂ ସୌମ୍ୟରଞ୍ଜନ ମହନ୍ତ ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା



ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ୨୦୨୫-୨୬ର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଅମରେଶଚନ୍ଦ୍ର ନାୟକ ଏବଂ ପ୍ରଶାନ୍ତ କୁମାର ଦାସ ପରିଚାଳନା କରିଥିଲେ। ଅଧ୍ୟାପିକା ଅନୁପମା ମହାପାତ୍ର, ଗୀତାରାଣୀ ମହନ୍ତ, ସ୍ୱାଗତିକା ରାଉତ, ଶୁଭଦର୍ଶିନୀ ମହାପାତ୍ର, ଗୀତାଞ୍ଜଳି ଗିରୀ, ସୁଜାତା ଗିରୀ, ବନ୍ଦିତା ଭଟ୍ଟାଚାର୍ଯ୍ୟ, ବିନିତା ଦାସ, ମାନସୀ ସାହୁ, ଜୟନ୍ତୀ ମୁର୍ମୁ, ସୃଷ୍ଟି ଅନୁଭୂତି ପରିଡ଼ା, ସଞ୍ଜିତା ମହାକୁଡ଼, ଅଧ୍ୟାପକ ପ୍ରଶାନ୍ତ ନାଥ, ଶୁଭେନ୍ଦୁ ସାହୁ, ଆନନ୍ଦଚନ୍ଦ୍ର ନନ୍ଦ, ପ୍ରିୟବ୍ରତ ସାହୁ, ବିଶ୍ୱଜିତ ବାରିକ କର୍ମଚାରୀ ଧୃତରାଷ୍ଟ୍ର ସାହୁ, ତ୍ରିଲୋଚନ ମହାନ୍ତ, ପରମାନନ୍ଦ ରଣା, ଅକ୍ଷୟ ମହାରଣା, ପ୍ରୀତିରଞ୍ଜନ ରାଉତ, ବସନ୍ତ ସାହୁ, ଦୁଃଖବନ୍ଧୁ ମହାନ୍ତ, ଭରତଚନ୍ଦ୍ର ମହାନ୍ତ, ଜ୍ୟାତିରଞ୍ଜ ରାଉତ, ଅଞ୍ଜନା ମହାନ୍ତ ଶ୍ରୀମତୀ ନାଏକ, କାମରୁଣି ଗିରି, ସଜନୀ ଦେହୁରୀ ସହଯୋଗ କରିଥିଲେ।

# କୁଟୁରା ମାଂସ ଜବତ; ଜଣେ ଗିରଫ

ଆନନ୍ଦପୁର,୨୯।୪(ସମିସ): ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡର ହଦଗଡ଼ ହସ୍ତୀ ଅଭୟାରଣ୍ୟରେ ଶିକାର କରୁଥିବା ଅଭିଯୁକ୍ତ ସମା ହୋ'କୁ ଜଙ୍ଗଲ ବିଭାଗ ଗିରଫ କରିଛି। ଆନନ୍ଦପୁର ଡ଼ିଏଫଓ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସୂତ୍ରରୁ ଖବର ପାଇ ହଦଗଡ଼ ରେଞ୍ଜର ମାର୍ଶାଲ କିସ୍କୁ ଫରେଷ୍ଟର ମଳୟ ସାହୁ ଅଚାନକ ଚଢ଼ଉ କରି କୁଟୁରା ମାଂସ କଟା ଦିଆସିଲି ଫାସ ଜବତ କରିଥିଲେ। ପରେ ଅଭିଯୁକ୍ତକୁ ଆନନ୍ଦପୁର କୋର୍ଟକୁ ଚାଲାଣ କରାଯାଇଛି।

# ସରକାରୀ କୋଠାରେ ନିମ୍ନମାନର ରଙ୍ଗ



ତେଲକୋଇ, ୨୯।୪(ସମିସ): ଓଡ଼ିଶାରେ ନୂତନ ସରକାର ଗଠନ ପରେ ସରକାରୀ କାର୍ଯ୍ୟାଳୟ ଭଗୁଆ ରଙ୍ଗ କରାଯିବା ପାଇଁ ସରକାର ଅର୍ଥ ମଞ୍ଜୁର କଲେ। ସରକାରଙ୍କ ବିଭିନ୍ନ କାର୍ଯ୍ୟନିର୍ବାହୀ ବିଭାଗ ଯଥା ବ୍ଲକ, ଆରଡ଼ି, ପିଡବଲ୍ୟୁଡି ବିଭାଗକୁ ଏହି କାର୍ଯ୍ୟ ସମ୍ପାଦନ ପାଇଁ ଦାୟିତ୍ୱ ଦିଆ ଯାଇଥିବାବେଳେ ନିମ୍ନମାନର ରଙ୍ଗ ମାରି ଅର୍ଥ ହରିଲୁଟ କରୁଛନ୍ତି ଠିକାଦାର। ଏଥିରେ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟ ସମ୍ପୃକ୍ତି ଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ତେଲକୋଇର ବ୍ଲକ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଥାନା, ବନ ବିଭାଗ କାର୍ଯ୍ୟାଳୟ, ଅଗ୍ନିଶମ କାର୍ଯ୍ୟାଳୟ, କଲେଜ, ସ୍କୁଲ ତହସିଲ କାର୍ଯ୍ୟାଳୟ ଆଦି ଅଫିସ ସବୁ ବିଲଡିଙ୍ଗ୍ ଗୁଡ଼ିକରେ ଏବେ ରଙ୍ଗମରା କାର୍ଯ୍ୟ ଚାଲିଛି। ନିୟମ ଅନୁଯାୟୀ ବିଲଡିଙ୍ଗିଗୁଡ଼ିକରେ ପ୍ଲାଷ୍ଟିକ ପେଣ୍ଟ ମାରିବା ପାଇଁ ବ୍ୟୟଅଟକଳ କରାଯାଇଛି। ହେଲେ ଏଠି ସିମେଣ୍ଟ ପେଣ୍ଟ ଲଗାଇ ଠିକାଦାର ମାଲାମାଲ ହେଉଥିବା ଦେଖିବାକୁ ମିଳିଛି। କିଛି ଅସାଧୁ ଠିକାଦାର ଯେଉଁ ମାନଙ୍କର ଠିକାଦାରୀରେ ଆଗରୁ କୌଣସି ଦକ୍ଷତା ନାହିଁ ସେଭଳି ଲୋକ ରାତାରାତି କୋଟିପତି ହେବା ଲକ୍ଷ୍ୟରେ ରଙ୍ଗ ମାରିବାରେ ଉସ୍ତାଦ ବୋଲାଉଥିବା ଦେଖିବାକୁ ମିଳିଛି। ରଙ୍ଗ ମରା ଯୋଜନାରେ ସରକାରୀ ଅର୍ଥ ପାଣିରେ ପଡୁଥିବା ଲୋକେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହୋଇଛି।

